# କଟକ ମହାନଗର ନିଗମ ଚତୁର୍ଥ ସାଧାରଣ ବୈଠକ ବିବରଣୀ

**ତା. ୧୦.୦୬.୨୦୧୪ ରିଖ , ସମୟ : ପୂର୍ବାହ୍ନ - ୧୧.୦୦ ଘଟିକା,**

**ସ୍ଥାନ : ବିଶ୍ୱନାଥ ପଣ୍ଡିତ ସମ୍ମିଳନୀ କକ୍ଷ**

ଅଦ୍ୟ ତା ୧୦.୦୬.୨୦୧୪ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ କଟକ ମହାନଗର ନିଗମର ୪ର୍ଥ ସାଧାରଣ ଅଧିବେଶନ ନିଗମ ସଭାଗୃହରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ନିଗମର ମାନ୍ୟବର ମେୟର ଶ୍ରୀଯୁକ୍ତା ଅନିତା ବେହେରା ସଭାପତିତ୍ୱ କରିଥିଲେ।

## ଉପସ୍ଥିତ ସଭ୍ୟ / ସଭ୍ୟା

**ସର୍ବଶ୍ରୀ**

| | | |
|---|---|---|
| ୧. | ଶ୍ରୀଯୁକ୍ତ ଅଜୟ କୁମାର ବାରିକ, | ଡେପୁଟି ମେୟର, ୱାର୍ଡ଼ ନଂ-୩୬ |
| ୨. | ସୁଶ୍ରୀ ଇତିଶ୍ରୀ ବେହେରା, | କର୍ପୋରେଟର, ୱାର୍ଡ଼ ନଂ. – ୦୨ |
| ୩. | ଶ୍ରୀଯୁକ୍ତା ସେବତୀ ମାଝୀ , | କର୍ପୋରେଟର, ୱାର୍ଡ଼ ନଂ. – ୦୩ |
| ୪. | ଶ୍ରୀଯୁକ୍ତା ଗିରିବାଳା ବେହେରା | କର୍ପୋରେଟର, ୱାର୍ଡ଼ ନଂ. – ୦୪ |
| ୫. | ଶ୍ରୀଯୁକ୍ତା ସୁପ୍ରିୟା ରାଉତ | କର୍ପୋରେଟର, ୱାର୍ଡ଼ ନଂ. – ୦୫ |
| ୬. | ଶ୍ରୀଯୁକ୍ତା ସଞ୍ଜୁକ୍ତା ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୦୬ |
| ୭. | ଶ୍ରୀଯୁକ୍ତା ରଞ୍ଜିତା ବିଶ୍ୱାଳ | କର୍ପୋରେଟର, ୱାର୍ଡ଼ ନଂ. – ୦୭ |
| ୮. | ଶ୍ରୀଯୁକ୍ତା ନମିତା ବାରିକ, | କର୍ପୋରେଟର, ୱାର୍ଡ଼ ନଂ. – ୦୮ |
| ୯. | ଶ୍ରୀଯୁକ୍ତ ବିକାଶ ରଞ୍ଜନ ବେହେରା | କର୍ପୋରେଟର, ୱାର୍ଡ଼ ନଂ. – ୦୯ |
| ୧୦. | ଶ୍ରୀଯୁକ୍ତ ଜ୍ଞାନ ରଞ୍ଜନ ସାଇଁ | କର୍ପୋରେଟର, ୱାର୍ଡ଼ ନଂ. – ୧୦ |
| ୧୧. | ଶ୍ରୀଯୁକ୍ତ ବିଜୟ ଦଳେଇ, | କର୍ପୋରେଟର, ୱାର୍ଡ଼ ନଂ. – ୧୧ |
| ୧୨. | ଶ୍ରୀଯୁକ୍ତ ଶିବ ପ୍ରସାଦ ଦଳାଇ, | କର୍ପୋରେଟର, ୱାର୍ଡ଼ ନଂ. – ୧୨ |
| ୧୩. | ସୁଶ୍ରୀ ପଦ୍ମା ଭୂୟାଁ | କର୍ପୋରେଟର, ୱାର୍ଡ଼ ନଂ. – ୧୩ |
| ୧୪. | ଶ୍ରୀଯୁକ୍ତା ଅଞ୍ଜୁଶ୍ରୀ ଜେନା | କର୍ପୋରେଟର, ୱାର୍ଡ଼ ନଂ. – ୧୪ |
| ୧୫. | ଶ୍ରୀଯୁକ୍ତା ଉଷାରାଣୀ ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୧୫ |
| ୧୬. | ଶ୍ରୀଯୁକ୍ତ ରମଜାନ ଖାନ | କର୍ପୋରେଟର, ୱାର୍ଡ଼ ନଂ. – ୧୬ |
| ୧୭. | ଶ୍ରୀଯୁକ୍ତା ଏ. ଶ୍ରୀଦେବୀ | କର୍ପୋରେଟର, ୱାର୍ଡ଼ ନଂ. – ୧୭ |
| ୧୮. | ଶ୍ରୀଯୁକ୍ତ ଅରୁଣ କୁମାର ସେଠୀ | କର୍ପୋରେଟର, ୱାର୍ଡ଼ ନଂ. – ୧୮ |
| ୧୯. | ଶ୍ରୀଯୁକ୍ତା ଚାରୁଲତା ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୧୯ |
| ୨୦. | ଶ୍ରୀଯୁକ୍ତ ଅଜୟ ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୨୦ |
| ୨୧. | ଶ୍ରୀଯୁକ୍ତା ଅନିତା ନାୟକ | କର୍ପୋରେଟର, ୱାର୍ଡ଼ ନଂ. – ୨୨ |
| ୨୨. | ଶ୍ରୀଯୁକ୍ତ ସେକ୍ ସମିମ୍ ଉଲ୍ଲା | କର୍ପୋରେଟର, ୱାର୍ଡ଼ ନଂ. – ୨୩ |
| ୨୩. | ଶ୍ରୀଯୁକ୍ତ ରଞ୍ଜନ କୁମାର ବିଶ୍ୱାଳ | କର୍ପୋରେଟର, ୱାର୍ଡ଼ ନଂ. – ୨୪ |
| ୨୪. | ଶ୍ରୀଯୁକ୍ତା ପାରୁଲ ଜୟସାଲ, | କର୍ପୋରେଟର, ୱାର୍ଡ଼ ନଂ. – ୨୫ |
| ୨୫. | ଶ୍ରୀଯୁକ୍ତା କାଂଚନ ଦାସ, | କର୍ପୋରେଟର, ୱାର୍ଡ଼ ନଂ. – ୨୬ |
| ୨୬. | ଶ୍ରୀଯୁକ୍ତା ଇତିଶ୍ରୀ ଦାସ, | କର୍ପୋରେଟର, ୱାର୍ଡ଼ ନଂ. – ୨୭ |

| | | |
|---|---|---|
| ୨୭. | ଶ୍ରୀଯୁକ୍ତା ବୈଶାଳୀ ବେହେରା, | କର୍ପୋରେଟର, ୱାର୍ଡ଼ ନଂ. – ୨୮ |
| ୨୮. | ଶ୍ରୀଯୁକ୍ତା ମଞ୍ଜୁଲତା ପୃଷ୍ଟି, | କର୍ପୋରେଟର, ୱାର୍ଡ଼ ନଂ. – ୨୯ |
| ୨୯. | ସୁଶ୍ରୀ ନମିତା ଦାସ, | କର୍ପୋରେଟର, ୱାର୍ଡ଼ ନଂ. – ୩୦ |
| ୩୦. | ଶ୍ରୀଯୁକ୍ତ ବିଜୟ କୁମାର ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୩୧ |
| ୩୧. | ଶ୍ରୀଯୁକ୍ତା ତଅପୋଇ ଦେଇ @ ସେଠୀ | କର୍ପୋରେଟର, ୱାର୍ଡ଼ ନଂ. – ୩୨ |
| ୩୨. | ଶ୍ରୀଯୁକ୍ତ ମନୋଜ କୁମାର ସେଠୀ, | କର୍ପୋରେଟର, ୱାର୍ଡ଼ ନଂ. – ୩୩ |
| ୩୩. | ଶ୍ରୀଯୁକ୍ତା ନମିତା  ମଞ୍ଜରୀ ସାହୁ, | କର୍ପୋରେଟର, ୱାର୍ଡ଼ ନଂ. – ୩୪ |
| ୩୪. | ଶ୍ରୀଯୁକ୍ତା ଦିପାଳୀବାଳା ଭୂୟାଁ, | କର୍ପୋରେଟର, ୱାର୍ଡ଼ ନଂ. – ୩୫ |
| ୩୫. | ଶ୍ରୀଯୁକ୍ତ ଅନିଲ ନିଳାଦ୍ରୀ , | କର୍ପୋରେଟର, ୱାର୍ଡ଼ ନଂ. – ୩୮ |
| ୩୬. | ଶ୍ରୀଯୁକ୍ତା ସୁଲୋଚନା ସେଠୀ, | କର୍ପୋରେଟର, ୱାର୍ଡ଼ ନଂ. – ୩୯ |
| ୩୭. | ଶ୍ରୀଯୁକ୍ତ ଜୟଦେବ ଜେନା, | କର୍ପୋରେଟର, ୱାର୍ଡ଼ ନଂ. – ୪୦ |
| ୩୮. | ଶ୍ରୀଯୁକ୍ତ ହେମନ୍ତ କୁମାର ବେହେରା, | କର୍ପୋରେଟର, ୱାର୍ଡ଼ ନଂ. – ୪୧ |
| ୩୯. | ଶ୍ରୀଯୁକ୍ତ ଚିରଞ୍ଜୟ ସାହୁ, | କର୍ପୋରେଟର, ୱାର୍ଡ଼ ନଂ. – ୪୨ |
| ୪୦. | ଶ୍ରୀଯୁକ୍ତା ପ୍ରମିଳା ମହାନ୍ତି, | କର୍ପୋରେଟର, ୱାର୍ଡ଼ ନଂ. – ୪୩ |
| ୪୧. | ଶ୍ରୀଯୁକ୍ତା ଚିତ୍ରା ଖୁଣ୍ଟିଆ, | କର୍ପୋରେଟର, ୱାର୍ଡ଼ ନଂ. – ୪୪ |
| ୪୨. | ଶ୍ରୀଯୁକ୍ତା ମିନାକ୍ଷୀ ବେହେରା, | କର୍ପୋରେଟର, ୱାର୍ଡ଼ ନଂ. – ୪୫ |
| ୪୩. | ଶ୍ରୀଯୁକ୍ତା ପ୍ରଳୟା ବେଉରା, | କର୍ପୋରେଟର, ୱାର୍ଡ଼ ନଂ. – ୪୬ |
| ୪୪. | ଶ୍ରୀଯୁକ୍ତା କବିତା ଖଣ୍ଡାୟୀ, | କର୍ପୋରେଟର, ୱାର୍ଡ଼ ନଂ. – ୪୭ |
| ୪୫. | ଶ୍ରୀଯୁକ୍ତ ନିରୋଦ ଚନ୍ଦ୍ର ପଣ୍ଡା, | କର୍ପୋରେଟର, ୱାର୍ଡ଼ ନଂ. – ୪୮ |
| ୪୬. | ଶ୍ରୀଯୁକ୍ତ ଦୟାନିଧି ନାୟକ, | କର୍ପୋରେଟର, ୱାର୍ଡ଼ ନଂ. – ୪୯ |
| ୪୭. | ଶ୍ରୀଯୁକ୍ତା ଦିପ୍ତି ପ୍ରଜ୍ଞା ମହାନ୍ତି, | କର୍ପୋରେଟର, ୱାର୍ଡ଼ ନଂ. – ୫୦ |
| ୪୮. | ଶ୍ରୀଯୁକ୍ତା ମମତା ବେହେରା, | କର୍ପୋରେଟର, ୱାର୍ଡ଼ ନଂ. – ୫୧ |
| ୪୯. | ଶ୍ରୀଯୁକ୍ତ ହୃଷିକେଷ ପ୍ରଧାନ, | କର୍ପୋରେଟର, ୱାର୍ଡ଼ ନଂ. – ୫୨ |
| ୫୦. | ଶ୍ରୀଯୁକ୍ତ ପ୍ରଦୀପ କୁମାର ସାମନ୍ତରାୟ, | କର୍ପୋରେଟର, ୱାର୍ଡ଼ ନଂ. –୫୩ |
| ୫୧. | ଶ୍ରୀଯୁକ୍ତା ସୁରେଖା ସାମନ୍ତରାୟ, | କର୍ପୋରେଟର, ୱାର୍ଡ଼ ନଂ. – ୫୪ |
| ୫୨. | ଶ୍ରୀଯୁକ୍ତ ବୈଦେଶ୍ୱର ପଣ୍ଡା, | କର୍ପୋରେଟର, ୱାର୍ଡ଼ ନଂ. – ୫୫ |
| ୫୩. | ଶ୍ରୀଯୁକ୍ତ ସଞ୍ଜୟ କୁମାର ବରାଳ, | କର୍ପୋରେଟର, ୱାର୍ଡ଼ ନଂ. – ୫୬ |
| ୫୪. | ଶ୍ରୀଯୁକ୍ତ ଲଳିତ ଶେଖର ନାୟକ, | କର୍ପୋରେଟର, ୱାର୍ଡ଼ ନଂ. – ୫୭ |
| ୫୫. | ଶ୍ରୀଯୁକ୍ତା ରାଜ କୁମାରୀ ସାଇଁ, | କର୍ପୋରେଟର, ୱାର୍ଡ଼ ନଂ. – ୫୮ |
| ୫୬. | ଶ୍ରୀଯୁକ୍ତ ପ୍ରମୋଦ କୁମାର ମହାପାତ୍ର, | କର୍ପୋରେଟର, ୱାର୍ଡ଼ ନଂ. – ୫୯ |

## ଉପସ୍ଥିତ ପଦାଧିକାରୀ

| | | |
|---|---|---|
| ୧. | ଶ୍ରୀଯୁକ୍ତ ଜ୍ଞାନ ରଞ୍ଜନ ଦାସ | କମିଶନର |
| ୨. | ଶ୍ରୀଯୁକ୍ତ ଉମାକାନ୍ତ ଗଡ଼ନାୟକ | ନଗର ଯନ୍ତ୍ରୀ |
| ୩. | ଡ଼ା. ପ୍ରଦୀପ କୁମାର ପ୍ରଧାନ | ନଗର ସ୍ୱାସ୍ଥ୍ୟ ଅଧିକାରୀ |
| ୪. | ଶ୍ରୀଯୁକ୍ତ ଧିରେନ କୁମାର ପୃଷ୍ଟି | ନିର୍ବାହୀ ଯନ୍ତ୍ରୀ -୧ |
| ୫. | ଶ୍ରୀଯୁକ୍ତ ଲଳୀତ ମୋହନ ଦାସ | ନିର୍ବାହୀ ଯନ୍ତ୍ରୀ -୨ |

| | | |
|---|---|---|
| ୬. | ଶ୍ରୀଯୁକ୍ତ ଅଜୟ କୁମାର ସେଠୀ | ବିତ ଅଧିକାରୀ |
| ୭. | ଶ୍ରୀଯୁକ୍ତ ଲକ୍ଷ୍ମୀଧର ନାଥ | ସଚିବ |
| ୮. | ଶ୍ରୀଯୁକ୍ତ ନର୍ମଳ ଚନ୍ଦ୍ର ନାୟକ | ଉପ ସଚିବ |
| ୯. | ଶ୍ରୀଯୁକ୍ତ ବିଜୟ କୁମାର ଦାଶ | ରିକଭରୀ ଅଫିସର |
| ୧୦. | ଶ୍ରୀଯୁକ୍ତ ଦିବ୍ୟ ରଞ୍ଜନ ତ୍ରିପାଠୀ | ସହକାରୀ ନିର୍ବାହୀ ଯନ୍ତ୍ରୀ |
| ୧୧. | ଶ୍ରୀଯୁକ୍ତ ବିଭୁ ଚରଣ ମିଶ୍ର | ସହକାରୀ ନିର୍ବାହୀ ଯନ୍ତ୍ରୀ |
| ୧୨. | ଶ୍ରୀଯୁକ୍ତ ସଞ୍ଜୟ କୁମାର ବେହେରା | ସହକାରୀ ନିର୍ବାହୀ ଯନ୍ତ୍ରୀ |
| ୧୩. | ଶ୍ରୀଯୁକ୍ତ ନନ୍ଦ କିଶୋର ପାଲ | ସହକାରୀ ନିର୍ବାହୀ ଯନ୍ତ୍ରୀ |
| ୧୪. | ଶ୍ରୀଯୁକ୍ତ ସୌମେନ୍ଦ୍ର କୁମାର ପଟ୍ଟନାୟକ | ସହକାରୀ ଯନ୍ତ୍ରୀ |
| ୧୫. | ଶ୍ରୀଯୁକ୍ତ ମହେଶ ପ୍ରସାଦ ମିଶ୍ର | ସହକାରୀ ଯନ୍ତ୍ରୀ |

ଅଧିବେଶନର ପ୍ରାରମ୍ଭରେ ମେୟର ତଥା ସଭାପତି ବୈଠକରେ ଉପସ୍ଥିତ ଥିବା ଡ଼େପୁଟି ମେୟର, ସମସ୍ତ କର୍ପୋରେଟର, କମିଶନର ତଥା ନିଗମର ସମସ୍ତ ଅଧିକାରୀ ମାନଙ୍କୁ ସ୍ୱାଗତ କରିଥିଲେ । ଲୋକ ପ୍ରତିନିଧି ଭାବେ ନିର୍ବାଚିତ ହୋଇ, ନିଗମ ଅଂଚଳର ବିଭିନ୍ନ ସମସ୍ୟା ଗୁଡ଼ିକର ସମାଧାନର ଦାୟିତ୍ୱ କର୍ପୋରେଟର ମାନଙ୍କ ଉପରେ ନ୍ୟସ୍ତ କରାଯାଇଥିବା ଦୃଷ୍ଟିରୁ, ଲୋକ ମାନଙ୍କର ତଥା ସମ୍ପୃକ୍ତ ୱାର୍ଡ଼ ବାସୀଙ୍କ ଅନେକ ଆଶା ଓ ଆକାଂକ୍ଷାକୁ ପୁରଣ ଦିଗରେ ଚେଷ୍ଟା କରିବାକୁ ସେ ସମସ୍ତଙ୍କର ସହଯୋଗ କାମନା କରି ମିଳିମିଶି କାମ କରିବାକୁ ଆହ୍ୱାନ ଦେଇଥିଲେ ଏବଂ ସହରର ସମୁହ ବିକାଶ ଦିଗରେ ସମସ୍ତଙ୍କ ମିଳିତ ପ୍ରଚେଷ୍ଟା ଏବଂ ଉଦ୍ୟମ ଅବ୍ୟାହତ ରଖିବାକୁ ନିବେଦନ କରିଥିଲେ । ଚଳିତ କାଉନସିଲର ବିଧିବଦ୍ଧ ପୂର୍ଣ୍ଣାଙ୍ଗ ବୈଠକରେ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନାରେ ଅଂଶ ଗ୍ରହଣ କରିବାକୁ ସମସ୍ତଙ୍କୁ ମଧ ନିବଦେନ କରିଥିଲେ ।

କାଉନସିଲର ଏହି ପ୍ରଥମ ପୂର୍ଣ୍ଣାଙ୍ଗ ବୈଠକକୁ ସମସ୍ତଙ୍କୁ ଅଭିନନ୍ଦନ ଜ୍ଞାପନ କରି ମାନ୍ୟବର ଡ଼େପୁଟି ମେୟର ଶ୍ରୀଯୁକ୍ତ ଅଜୟ କୁମାର ବାରିକ, ତୃଣମୂଳ ସ୍ତରର ଲୋକ ପ୍ରତିନିଧି ହିସାବରେ କଟକ ସହରର ସମୂହ ବିକାଶର ଦାୟିତ୍ୱ କର୍ପୋରେଟର ମାନଙ୍କ ଉପରେ ନ୍ୟସ୍ତ କରାଯାଇଥିବା ଦୃଷ୍ଟିରୁ, ସମସ୍ତଙ୍କ ମିଳିତ ସହଯୋଗରେ ଏ ଦିଗରେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ ।

ଅନୁମତି କ୍ରମେ କମିଶନର ଶ୍ରୀଯୁକ୍ତ ଜ୍ଞାନ ରଞ୍ଜନ ଦାସ, କାଉନସିଲର ଏହି ପ୍ରଥମ ପୂର୍ଣ୍ଣାଙ୍ଗ ବୈଠକକୁ ସମସ୍ତଙ୍କୁ ସ୍ୱାଗତ କରି କଟକ ମହାନଗର ନିଗମର ପରିଚାଳନା କ୍ଷେତ୍ରରେ ବିଭିନ୍ନ ନିତୀଗତ ନିଷ୍ପତି ଗ୍ରହଣ କରାଯିବା ପାଇଁ ଉଦ୍ଧିଷ୍ଟ ଏହି ବୈଠକର ଆଭିମୁଖ୍ୟକୁ ସ୍ପଷ୍ଟ କରିଥିଲେ । ଆଗାମୀ ବର୍ଷାଦିନ ପରିପେକ୍ଷୀରେ କଟକ ସହରର ଦୀର୍ଘବର୍ଷର ବର୍ଷାଜଳ ନିଷ୍କାସନର ସମସ୍ୟା, ପଙ୍କୋଦ୍ଧାର କାର୍ଯ୍ୟକ୍ରମ, ସଫାଇ କାର୍ଯ୍ୟ ତଥା ରାସ୍ତାଲୋକର ଉନ୍ନତି କରଣ ଦିଗରେ ଅନେକ କାର୍ଯ୍ୟ ସହ ନିଗମର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଗୁଡ଼ିକର ତ୍ୱରାନ୍ୱିତ କରାଯିବାର ଆବଶ୍ୟକତା ରହିଥିବା ସେ ପ୍ରକାଶ କରିଥିଲେ । କାଉନସିଲ ବୈଠକରେ ବିସ୍ତୃତ ଭାବେ ବିଭିନ୍ନ ବିଭାଗୀୟ ପ୍ରସ୍ତାବ ଗୁଡ଼ିକ ଆଲୋଚନା କରିବା ସମ୍ଭବପର ହେଉନଥିବାରୁ, ସମ୍ପୃକ୍ତ ଷ୍ଟାଣ୍ଡିଙ୍ଗ କମିଟି ମାଧମରେ ଏ ସମ୍ପର୍କରେ ଆଲୋଚନା କରାଯାଇ, ବିଭିନ୍ନ ପ୍ରସଙ୍ଗରେ ପ୍ରସ୍ତାବ ଗୁଡ଼ିକ କାଉନସିଲରେ ଅନୁମୋଦନ କରାଯିବାକୁ ସେ ଅନୁରୋଧ କରିଥିଲେ । ଇତି ମଧରେ ମାନ୍ୟବର ମେୟରଙ୍କ ଅନୁମୋଦନ କ୍ରମେ ଏବଂ ଜରୁରୀ କାଳୀନ ଭିତିରେ ବିଭିନ୍ନ ବିଭାଗର କେତେକ ପ୍ରସ୍ତାବ ଗୁଡ଼ିକ କାଉନସିଲର ଚଳିତ ବୈଠକ ଅନୁମୋଦନ ନିମନ୍ତେ ଉପସ୍ଥାପନ କରାଯାଇଥିବା ଦୃଷ୍ଟିରୁ, ସେ ସମ୍ପର୍କରେ ଆଲୋଚନା କରାଯାଇ ପାରିତ କରାଯିବାକୁ ମଧ ସଦସ୍ୟ /ସଦସ୍ୟା ମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

ଏହାପରେ ବୈଠକର କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା କରାଯାଇ ନିମ୍ନଲିଖିତ ନିଷ୍ପତି ଗ୍ରହଣ କରାଗଲା ।

**ପ୍ରସ୍ତାବ ନଂ-୧.** ଗତ ତା. ୧୩-୦୨-୨୦୧୪ରିଖ ଦିନ ପୌର ପ୍ରଶାସନ ନିର୍ଦ୍ଦେଶକ, ଓଡ଼ିଶାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୌର ନିଗମର ପ୍ରଥମ ବୈଠକର ବିବରଣୀ ଦୃଢ଼ୀକରଣ ।

**ନିର୍ଦ୍ଧାରଣ-୧ :** ଗତ ତା ୧୩-୦୨-୨୦୧୪ ରିଖ ନିଗମର ସାଧାରଣ ଅଧିବେଶନର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢ଼ୀକରଣ କରାଗଲା ।

**ପ୍ରସ୍ତାବ ନଂ-୨.** ଗତ ତା. ୦୧-୦୩-୨୦୧୪ରିଖ ଦିନ ପୌର ପ୍ରଶାସନ ନିର୍ଦ୍ଦେଶକ, ଓଡ଼ିଶାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୌର ନିଗମର ଦ୍ୱିତୀୟ ବୈଠକର ବିବରଣୀ ଦୃଢ଼ୀକରଣ ।

**ନିର୍ଦ୍ଧାରଣ-୨ :** ଗତ ତା ୦୧-୦୩-୨୦୧୪ରିଖ ନିଗମର ସାଧାରଣ ଅଧିବେଶନର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢ଼ୀକରଣ କରାଗଲା ।

**ପ୍ରସ୍ତାବ ନଂ-୩.** ଗତ ତା. ୩୦-୦୫-୨୦୧୪ରିଖ ନିଗମର ତୃତୀୟ ସାଧାରଣ ବୈଠକର ବିବରଣୀ ଦୃଢ଼ୀକରଣ ।

**ନିର୍ଦ୍ଧାରଣ -୩.** ଗତ ତା. ୩୦-୦୫-୨୦୧୪ରିଖ ନିଗମର ତୃତୀୟ ସାଧାରଣ ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢ଼ୀକରଣ କରାଗଲା ।

**ପ୍ରସ୍ତାବ ନଂ-୪.** ନିମ୍ନଲିଖିତ ଷ୍ଟାଣ୍ଡିଙ୍ଗ କମିଟି ଗୁଡ଼ିକର ବିବରଣୀ ପଠନ ଓ ଦୃଢ଼ୀକରଣ ।

**ନିର୍ଦ୍ଧାରଣ -୪.୧.** ଗତ ତା ୦୩.୦୬.୨୦୧୪ରିଖ ଟ୍ୟାକ୍ସେସନ, ଫାଇନାନସ୍ ଆଣ୍ଡ ଆକାଉଣ୍ଟସ୍ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢ଼ୀକରଣ କରାଗଲା ।

**ନିର୍ଦ୍ଧାରଣ -୪.୨.** ଗତ ତା ୦୩.୦୬.୨୦୧୪ରିଖ ପବ୍ଲିକ ହେଲଥ୍, ୱାଟର ସପ୍ଲାଏ, ଇଲେକ୍ଟ୍ରିକ ସପ୍ଲାଏ, ଡ୍ରେନେଜ ଆଣ୍ଡ ଏନଭାଇରନମେଣ୍ଟ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢ଼ୀକରଣ କରାଗଲା ।

**ନିର୍ଦ୍ଧାରଣ -୪.୩.** ଗତ ତା ୦୩.୦୬.୨୦୧୪ରିଖ ପବ୍ଲିକ ୱାର୍କସ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢ଼ୀକରଣ କରାଗଲା ।

**ନିର୍ଦ୍ଧାରଣ -୪.୪.** ଗତ ତା ୦୩.୦୬.୨୦୧୪ରିଖ ପ୍ଲାନିଙ୍ଗ ଆଣ୍ଡ ଡ଼େଭଲପମେଣ୍ଟ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢ଼ୀକରଣ କରାଗଲା ।

**ନିର୍ଦ୍ଧାରଣ -୪.୫.** ଗତ ତା ୦୩.୦୬.୨୦୧୪ରିଖ ଏଜୁକେଶନ, ରିକ୍ରେସନ ଆଣ୍ଡ କଲଚର ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢ଼ୀକରଣ କରାଗଲା ।

**ନିର୍ଦ୍ଧାରଣ -୪.୬.** ଗତ ତା ୦୩.୦୬.୨୦୧୪ରିଖ ଲାଇସେନସ୍ ଆଣ୍ଡ ଅପିଲ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢ଼ୀକରଣ କରାଗଲା ।

**ନିର୍ଦ୍ଧାରଣ -୪.୭.** ଗତ ତା ୦୩.୦୬.୨୦୧୪ରିଖ କର୍ପୋରେସନ ଏଷ୍ଟାବ୍ଲିସମେଣ୍ଟ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢ଼ୀକରଣ କରାଗଲା ।

**ନିର୍ଦ୍ଧାରଣ -୪.୮.** ଗତ ତା ୦୩.୦୬.୨୦୧୪ରିଖ ଗ୍ରୀଭାନସ୍ ଆଣ୍ଡ ସୋସିଆଲ ଜଷ୍ଟିସ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢ଼ୀକରଣ କରାଗଲା ।

**ବିଭିନ୍ନ ସଦସ୍ୟ / ସଦସ୍ୟା ମାନଙ୍କ ଦ୍ୱାରା କରାଯାଇଥିବା ଆଲୋଚନା ଓ ପ୍ରାପ୍ତ ହୋଇଥିବା ପ୍ରସ୍ତାବ**

**ଶ୍ରୀଯୁକ୍ତ ବିକାଶ ରଞ୍ଜନ ବେହେରା, ଅଧ୍ୟକ୍ଷ- ଲାଇସେନ୍ସ ଆଣ୍ଡ ଅପିଲ ଷ୍ଟାଣ୍ଡିଙ୍ଗ କମିଟି :**

- ବିଜୁ ଜନତା ଦଳକୁ ଆସ୍ଥା ପ୍ରକଟ କରି କଟକ ସହରର ଜନସାଧାରଣ ମହାନଗର ନିଗମର କାଉନସିଲ ଗଠନ କରିବାର ପୁର୍ନବାର ସୁଯୋଗ ପ୍ରଦାନ କରିଥିବାରୁ ଧନ୍ୟବାଦ ଜ୍ଞାପନ କରିଥିଲେ ।
- କଟକ ମହାନଗର ନିଗମ ଅଂଚଳର ଜନ ସାଧାରଣ ମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖାଯାଇ, ବୈଠକରେ ଉପସ୍ଥାପିତ କରାଯାଉଥିବା ପ୍ରସ୍ତାବ ଗୁଡ଼ିକ ବିଧିବଦ୍ଧ ଆଲୋଚନା କରାଯାଇ ପାରିତ କରାଯିବାକୁ ଅନୁରୋଧ କରିଥିଲେ । କଟକ ସହରକୁ ଏକ ସରସ ସୁନ୍ଦର ନଗରୀରେ ପରିଣତ ନିମନ୍ତେ ସେ ମଧ ସମସ୍ତଙ୍କ ମିଳିତ ଉଦ୍ୟମ ତଥା ସହଯୋଗ କାମନା କରିଥିଲେ ।
- ଆଗାମି ବର୍ଷାଦିନରେ ନିଗମ ପକ୍ଷରୁ ପ୍ରତ୍ୟେକ ବର୍ଷ ଭଳି କରାଯାଉଥିବା କାର୍ଯ୍ୟ ଗୁଡ଼ିକ ଅଗ୍ରାଧିକାର ପ୍ରଦାନ କରାଯାଇ ଧାର୍ଯ୍ୟ ସମୟସୀମା ମଧରେ କରାଯିବାକୁ ମତ ଦେଇଥିଲେ ।

❖ ୨୦୧୪-୧୫ ଆର୍ଥିକ ବର୍ଷ ନିମନ୍ତେ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରାଯାଇଥିଲେ ମଧ, ନିଗମର ବିଭିନ୍ନ ଷ୍ଟାଣ୍ଡିଙ୍ଗ କମିଟିର ଅଧକ୍ଷ / ଅଧକ୍ଷା ମାନଙ୍କ ସହ ଆଲୋଚନା କରାଯାଇ, ଫାଇନାନ୍ସ ଷ୍ଟାଣ୍ଡିଙ୍ଗ କମିଟି ମାଧମରେ କେତେକ ଅତିରିକ୍ତ ପାଣ୍ଠିର ବ୍ୟବସ୍ଥାର ଆକଳନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

**ଶ୍ରୀଯୁକ୍ତ ଚିରଞ୍ଜୟ ସାହୁ, ଅଧକ୍ଷ-ପବ୍ଲିକ ୱାର୍କସ ଷ୍ଟାଣ୍ଡିଙ୍ଗ କମିଟି :**

❖ କାଉନସିଲର ଏହି ବିଧିବଦ୍ଧ ପ୍ରଥମ ପୂର୍ଣ୍ଣାଙ୍ଗ ବୈଠକକୁ ସମସ୍ତଙ୍କୁ ସ୍ୱାଗତ କରି, ପ୍ରତ୍ୟେକ ନିର୍ବାଚିତ ଲୋକପ୍ରତିନିଧି ମାନଙ୍କର ନିଜ ନିଜ ଅଂଚଳର ବିକାଶ ନିମନ୍ତେ କାର୍ଯ୍ୟ କରିବାର ଉତ୍ସାହ ପରିଲକ୍ଷିତ ହେଉଥିବାରୁ, ସମସ୍ତଙ୍କ ମିଳିତ ସହଯୋଗରେ ନିଗମ ଅଂଚଳର ସାମୁହିକ ଉନ୍ନତି ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ ।

❖ ନିଗମର ସ୍ୱାସ୍ଥ୍ୟ ଓ ଯନ୍ତ୍ରୀ ବିଭାଗର କାର୍ଯ୍ୟପନ୍ଥାରେ ଗୁରୁତ୍ୱ ପ୍ରଦାନ କରାଯାଇ, ଏହି ବିଭାଗର ପ୍ରତ୍ୟେକ କାର୍ଯ୍ୟକୁ ତ୍ୱରାନ୍ୱିତ ସହ ବିଭିନ୍ନ ସମୟରେ କରାଯାଉଥିବା ସମାଲୋଚନା ଏବଂ ଅନେକ ସମସ୍ୟା ଗୁଡ଼ିକର ସମାଧାନର ପନ୍ଥା ନିର୍ଦ୍ଧାରଣ କରାଯିବାକୁ ସେ ମଧ ମତ ଦେଇଥିଲେ ।

❖ ନିର୍ବାଚିତ ଲୋକ ପ୍ରତିନିଧି ଭାବେ ଜନସାଧାରଣଙ୍କର ମୌଳିକ ସମସ୍ୟା ଗୁଡ଼ିକ ବୈଠକରେ ଉପସ୍ଥାପନା କରାଯାଇ, ସେ ଗୁଡ଼ିକର ସମାଧାନ ପନ୍ଥା ନିର୍ଦ୍ଧାରଣ କରାଯିବା ନିମନ୍ତେ ସମସ୍ତଙ୍କର ଭିଳିତ ସହଯୋଗ ଆବଶ୍ୟକ ହେଉଥିବାରୁ, ଏ ଦିଗରେ ଗୁରୁତ୍ୱାରୋପ ନିମନ୍ତେ ନିଜର ମତ ଦେଇଥିଲେ ।

❖ ପ୍ରତ୍ୟେକ କ୍ଷେତ୍ରରେ ନିଗମର କାର୍ଯ୍ୟଧାରା, ଅନ୍ୟମାନଙ୍କ ନିମନ୍ତେ ଯେପରି ଏକ ଉଦାହରଣ ସୃଷ୍ଟି କରିବ, ସେ ଦିଗରେ ସମସ୍ତଙ୍କ ଉଦ୍ୟମ ଅବ୍ୟାହତ ରଖିବାକୁ ସେ ମଧ, ନିବେଦନ କରିଥିଲେ । ବିଭିନ୍ନ କ୍ଷେତ୍ରରେ ନିଗମର ଉନ୍ନତି ତଥା ପ୍ରଗତିର ଚିନ୍ତା କରାଯାଇ, ସେ ଗୁଡ଼ିକ ନିର୍ଦ୍ଧାରିତ ସମୟସୀମା ମଧରେ କାର୍ଯ୍ୟକାରୀ କରାଯାଇ ପାରିଲେ, କଟକ ସହରର ସୁନାମ ବଜାୟ ରହିପାରିବ ବୋଲି ସେ ଆଶା ପ୍ରକାଶ କରିଥିଲେ ।

**ଶ୍ରୀଯୁକ୍ତା ଗିରିବାଳା ବେହେରା, କର୍ପୋରେଟର, ୱାର୍ଡ଼ ନଂ-୦୪ :**

❖ ବୈଠକରେ ଉପସ୍ଥିତ ଥିବା ସଦସ୍ୟ / ସଦସ୍ୟା ତଥା ଅଧିକାରୀ ମାନଙ୍କୁ ସ୍ୱାଗତ କରି, କଟକ ସହରର ବୃହତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଦଳ ମତ ନିର୍ବିଶେଷରେ ନିର୍ବାଚିତ ସମସ୍ତ ଲୋକପ୍ରତିନିଧି ମାନେ ଜନସାଧାରଣ ମାନଙ୍କ ସେବାରେ ନିୟୋଜିତ ହେବାକୁ ପରାମର୍ଶ ଦେଇଥିଲେ ।

❖ ୱାର୍ଡ଼ ମଧରେ ପ୍ରତ୍ୟେକ ଦିନର ସ୍ଥାନୀୟ ମୌଳିକ ସମସ୍ୟା ଗୁଡ଼ିକର ସମାଧାନ ଦିଗରେ, ଆବଶ୍ୟକ ଥିବା ଲୋକ ବଳ ତଥା ସାମଗ୍ରୀ ଗୁଡ଼ିକ ଯଥା ସମ୍ଭବ ନିୟମ ଅନୁଯାୟୀ ଯଥା ସମୟରେ ଯୋଗାଇ ଦେବାକୁ ସେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

❖ ବର୍ଷାଦିନ ଆସିଯାଇଥିବାରୁ, ଯଥାଶିଘ୍ର ନିଗମର ବିଭିନ୍ନ ଅଂଚଳରେ ନାଳ ଗୁଡ଼ିକର ପଙ୍କ ଉଦ୍ଧାର କାର୍ଯ୍ୟକୁ ସମ୍ପୂର୍ଣ୍ଣ କରାଯିବାକୁ ସେ ମାନ୍ୟବର ମେୟର ତଥା କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ଏବଂ କଟକ ସହରର ଦୀର୍ଘ ଦିନର ଜଳବନ୍ଦୀ ସମସ୍ୟା ଲାଗିରହିଥିବାରୁ, ଏ ଦିଗରେ ଯଥାଶିଘ୍ର ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ନିମନ୍ତେ ନିବେଦନ କରିଥିଲେ । ନିଗମ ଅଧିନରେ ରହିଥିବା ପମ୍ପ ଗୁଡ଼ିକର ଯଥାଶିଘ୍ର ଆବଶ୍ୟକୀୟ ମରାମତି କରାଯାଇ, ପୂର୍ବ ବର୍ଷ ମାନଙ୍କ ଭଳି ନିର୍ଦ୍ଧାରିତ ସ୍ଥାନରେ ସ୍ଥାପନ କରାଯିବାକୁ ମତ ଦେଇଥିଲେ ।

❖ ଗତ କାଉନସିଲ ସମୟରେ ଅନେକ ନୂତନ ପ୍ରକଳ୍ପ କାର୍ଯ୍ୟ କରାଯିବାକୁ ପ୍ରସ୍ତାବ ପାରିତ କରାଯାଇଥିଲେ ମଧ, ବାସ୍ତବ କ୍ଷେତ୍ରରେ ଜନସାଧାରଣଙ୍କ ହୀତ ଦୃଷ୍ଟିରୁ କୌଣସି ପ୍ରସ୍ତାବ କାର୍ଯ୍ୟକାରୀ କରାଯାଇନଥିବାରୁ, ଏ ଦିଗରେ ବିଶେଷ ଧାନ ଦେବାକୁ ସମସ୍ତଙ୍କୁ ନିବେଦନ କରିଥିଲେ । ନିଗମ ଅଂଚଳରେ ଏକ ଉପଯୁକ୍ତ ସ୍ଥାନ ଚିହ୍ନଟ କରାଯାଇ ଯଥାଶିଘ୍ର ଏକ "ଜରା ନିବାଶ" ନିର୍ମାଣ କରାଯିବାକୁ ସେ ପ୍ରସ୍ତାବ ଦେଇଥିଲେ ।

❖ ନିଗମ ଅଂଚଳର ଉଠାଦୋକାନୀ ମାନଙ୍କର ସମସ୍ୟା ଗୁଡ଼ିକର ସମାଧାନ ଦିଗରେ, ଯଥାଶିଘ୍ର ପୂର୍ବ ପ୍ରସ୍ତାବିତ ଭେଣ୍ଡିଙ୍ଗ ଯୋନ ନିର୍ମାଣ ପ୍ରସ୍ତାବ ଗୁଡ଼ିକ ତ୍ୱରାନ୍ୱିତ କରାଯିବାକୁ, ସେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

- ନିଗମର ନିଜସ୍ୱ ଆୟ ବୃଦ୍ଧି ଦିଗରେ ପଦକ୍ଷେପ ସ୍ୱରୂପ, ବିଭିନ୍ନ ମାର୍କେଟ କମ୍ପ୍ଲେକ୍ସ ମଧ୍ୟରେ ରହିଥିବା ବକେୟା ଦୋକାନ ଗୃହ ଭଡ଼ା ଆଦାୟ, ଏବଂ ବିଭିନ୍ନ ସ୍ଥାନରେ ଆବଶ୍ୟକ ଥିବା କଲ୍ୟାଣ ମଣ୍ଡପ ନିର୍ମାଣ, କରାଯାଇ ନିଗମର ନିଜସ୍ୱ ଆୟର ପନ୍ଥା ବୃଦ୍ଧି କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- କଟକ ସହରର ବରପୁତ୍ର ଜ୍ଞାନ ମଣ୍ଡଳର ପ୍ରଣେତା ସ୍ୱର୍ଗତ ବିନୋଦ କାନୁନ୍‌ଗୋଙ୍କର ଏକ ପ୍ରତିମୂର୍ତ୍ତି ଗତବର୍ଷ ନିଗମ ତରଫରୁ ଖାନ ନଗର ଠାରେ ସ୍ଥାପନ କରାଯାଇଥିଲେ ମଧ, ଉକ୍ତ ପ୍ରତିମୂର୍ତ୍ତି ସ୍ଥାପନର ଦୁଇମାସ ମଧ୍ୟରେ ଉକ୍ତ ମୂର୍ତ୍ତିଟି ସେଠାରୁ ଚୋରି ହୋଇଯାଇଥିବା ଦୃଷ୍ଟିରୁ, ନିଗମ ତରଫରୁ ଯଥାଶିଘ୍ର ଏହି ପ୍ରତିମୂର୍ତ୍ତିର ପୁନଃ ନିର୍ମାଣ କରାଯାଇ ଉକ୍ତ ସ୍ଥାନରେ ସ୍ଥାପନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ବିଭିନ୍ନ ସମୟରେ କର୍ପୋରେଟର ମାନେ ପ୍ରଦାନ କରୁଥିବା ପ୍ରସ୍ତାବ ଗୁଡ଼ିକ ଅନୁଧାନ କରାଯାଇ ନିଗମର ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କ ଦ୍ୱାରା ଉପଯୁକ୍ତ ସେବା / କାର୍ଯ୍ୟ ନିମନ୍ତେ ନିୟମ ଅନୁଯାୟୀ ଯଥା ସମୟରେ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

## ଶ୍ରୀଯୁକ୍ତା ପ୍ରଳୟା ବେଉରା, କର୍ପୋରେଟର, ୱାର୍ଡ଼ ନଂ-୪୬ :

- ଚଳିତ କାଉନସିଲ ଗଠନର ବହୁ ବିଳମ୍ବରେ ଏହି ଗୁରୁତ୍ୱପୂର୍ଣ୍ଣ ପୂର୍ଣ୍ଣାଙ୍ଗ ବୈଠକକୁ ସମସ୍ତଙ୍କୁ ସ୍ୱାଗତ କରିଥିଲେ ଏବଂ ବୈଠକରେ ଉପସ୍ଥିତ ଥିବା ନିଗମର ସମ୍ପୃକ୍ତ ଅଧିକାରୀ ମାନଙ୍କର ପରିଚୟ ପ୍ରଦାନ ଏବଂ ନିଗମ ଅଧିନରେ ସେମାନଙ୍କର ବିଭାଗୀୟ ଦାୟୀତ୍ୱ ସମ୍ପର୍କରେ ସୂଚନା ପ୍ରଦାନ କରିବାକୁ ପ୍ରସ୍ତାବ ଦେଇଥିଲେ ।

ନିଗମ ଅଧିନରେ କାର୍ଯ୍ୟକରୁଥିବା ପ୍ରତ୍ୟେକ ଅଧିକାରୀ ମାନଙ୍କର ନାମ, ପଦବୀ, ଟେଲିଫୋନ ନମ୍ବର ଏବଂ ସେମାନେ ରହିଥିବା ବିଭାଗୀୟ କାର୍ଯ୍ୟ ସମ୍ପର୍କରେ ସୂଚନା ସମସ୍ତ କର୍ପୋରେଟର ମାନଙ୍କୁ ପ୍ରଦାନ ନିମନ୍ତେ ମାନ୍ୟବର ଡ଼େପୁଟି ମେୟର ଶ୍ରୀଯୁକ୍ତ ଅଜୟ କୁମାର ବାରିକ ପ୍ରସ୍ତାବ ଦେଇଥିଲେ । ସେ ମଧ ବିଭିନ୍ନ ସମୟରେ ବିଭାଗୀୟ ଅଧିକାରୀ ମାନେ କର୍ପୋରେଟର ମାନଙ୍କ ଟେଲିଫୋନକୁ Respond କରୁନଥିବାର ଅଭିଯୋଗ ପ୍ରାପ୍ତ ହେଉଥିବାରୁ, ଏଥିପ୍ରତି ପ୍ରତ୍ୟେକ ଅଧିକାରୀ ମାନେ ସଜାଗ ରହିବାକୁ ଅନୁରୋଧ କରିଥିଲେ ।

**ନିଗମର ସମସ୍ତ ବିଭାଗୀୟ ଅଧିକାରୀ, କର୍ପୋରେଟର ଏବଂ ସମ୍ପୃକ୍ତ ଥିବା ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ମାନଙ୍କ ନାମ ଓ ଟେଲିଫୋନ ନମ୍ବର ଥାଇ ଏକ Telephone Directory ପ୍ରସ୍ତୁତ କରାଯାଉଥିବା ସମ୍ପର୍କରେ କମିଶନର ସୂଚନା ପ୍ରଦାନ କରିଥିଲେ । ସେ ମଧ ଅନ୍ୟାନ୍ୟ ବିଭାଗୀୟ କାର୍ଯ୍ୟ ସମ୍ପର୍କରେ କାଉନସିଲ ବୈଠକରେ ଆଲୋଚନା ନିମନ୍ତେ ପ୍ରସ୍ତାବ ଆସିଲେ, ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ଉକ୍ତ କାଉନସିଲ ବୈଠକକୁ ସ୍ୱତନ୍ତ୍ର ଭାବେ ଆମନ୍ତ୍ରଣ କରାଯିବାକୁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ । ନିଗମର କାର୍ଯ୍ୟ ପରିସର ମଧ୍ୟରେ ମହିଳା ଓ ଶିଶୁ ବିକାଶ କାର୍ଯ୍ୟକ୍ରମ ଗୁଡ଼ିକ ଅର୍ନ୍ତଭୁକ୍ତ କରାଯାଇଥିବାରୁ ନିଗମର ପ୍ରତ୍ୟେକ କାଉନସିଲ ବୈଠକକୁ କମ୍ୟୁନିଟି ଡ଼େଭଲପମେଣ୍ଟ ଅଫିସର (CDPO) ମାନଙ୍କୁ ଆମନ୍ତ୍ରିତ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।**

ଅନୁମତିକ୍ରମେ ନିଗମର ବିଭିନ୍ନ ଅଧିକାରୀମାନେ ସେମାନଙ୍କର ପରିଚୟ ପ୍ରଦାନ କରି, ନିଗମ ଅଧିନରେ ଦାୟୀତ୍ୱରେ ଥିବା ବିଭାଗୀୟ କାର୍ଯ୍ୟର ସଂକ୍ଷିପ୍ତ ସୂଚନା ପ୍ରଦାନ କରିଥିଲେ । ସେହିପରି ନିଗମ ଅଧିନରେ ରହିଥିବା ଯନ୍ତ୍ରୀ ମାନେ ସେମାନେ ରହିଥିବା ୱାର୍ଡ଼ର ବିଭିନ୍ନ ଦାୟୀତ୍ୱ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ ।

## ଶ୍ରୀଯୁକ୍ତ ରଞ୍ଜନ କୁମାର ବିଶ୍ୱାଳ, ଅଧ୍ୟକ୍ଷ-ପବ୍ଲିକ ହେଲଥ ଷ୍ଟାଣ୍ଡିଙ୍ଗ କମିଟି :

- କାଉନସିଲର ବିଧିବଦ୍ଧ ଭାବେ ପ୍ରଥମ ବୈଠକକୁ ସମସ୍ତଙ୍କୁ ସ୍ୱାଗତ କରି, କଟକ ମହାନଗର ନିଗମର ସମୂହ ବିକାଶ ଦିଗରେ ପ୍ରତ୍ୟେକ ନିର୍ବାଚିତ ଲୋକ ପ୍ରତିନିଧି ମାନଙ୍କର କାର୍ଯ୍ୟ କରିବାର ଉତ୍ସାହ ଓ ପ୍ରେରଣା ପରିଲକ୍ଷିତ ହେଉଥିବାରୁ, ଜନସାଧାରଣ ମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କାର୍ଯ୍ୟ କରିବା ଏବଂ ପ୍ରତ୍ୟେକ କ୍ଷେତ୍ରରେ ସହଯୋଗର ହାତ ବଢ଼ାଇବା ନିମନ୍ତେ ଆଶା ପ୍ରକଟ କରିଥିଲେ ।

❖ ଅଗାମୀ ବର୍ଷା ଋତୁ ନିଗମ ନିମନ୍ତେ ଏକ ଗୁରୁତ୍ୱପୂର୍ଣ୍ଣ ସମୟ ହୋଇଥିବାରୁ, ସମ୍ଭାବ୍ୟ ଡ଼େଙ୍ଗୁର ମୁକାବିଲା କରିବା ସହିତ ବର୍ଷାଜଳ ନିଷ୍କାସନର ସୁବ୍ୟବସ୍ଥା ତଥା ପଙ୍କୋଦ୍ଧାର କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯିବା ପ୍ରସଙ୍ଗ ଗୁଡ଼ିକ ପ୍ରାଧାନ୍ୟ ଦେବାକୁ ମତ ଦେଇଥିଲେ ।

❖ ନିର୍ବାଚିତ କର୍ପୋରେଟର ମାନଙ୍କ ମଧ୍ୟରୁ ଅଧିକାଂଶ ନୂତନ ଭାବେ ନିର୍ବାଚିତ ହୋଇ ଆସିଥିଲେ ମଧ, ସେମାନଙ୍କର ଯଥେଷ୍ଟ ଅଭିଜ୍ଞତା ରହିଥିବାରୁ, ନିଗମର ପ୍ରତ୍ୟେକ ଅଧକାରୀ ତଥା କର୍ମଚାରୀ ମାନେ ସେମାନଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ସହଯୋଗ ପ୍ରଦାନ କରିବାକୁ ନିବେଦନ କରିବା ସହ, ମାନ୍ୟବର ମେୟରଙ୍କ ନେତୃତ୍ୱରେ କଟକ ମହାନଗର ନିଗମର ସୁନାମ ବଜାୟ ରଖିବାକୁ ଦଳବଳ ନିର୍ବିଶେଷରେ ସହଯୋଗର ହାତ ବଢାଇବାକୁ ନିବେଦନ କରିଥିଲେ ଏବଂ ଚଳିତ କାଉନସିଲକୁ ଏକ ଆଦର୍ଶ କାଉନସିଲ ଭାବେ ପରିଗଣିତ କରିବାକୁ ଆଶା ପ୍ରକଟ କରିଥିଲେ ।

ଏହାପରେ ନିଗମର ନଗର ଯନ୍ତ୍ରୀ, ଯନ୍ତ୍ରୀ ବିଭାଗ ଦ୍ୱାରା ଆଗତ କରାଯାଇଥିବା ବିଭିନ୍ନ ପ୍ରସ୍ତାବ ଗୁଡ଼ିକ ସମ୍ପର୍କରେ ଆଲୋକପାତ କରିଥିଲେ ।

**ବୈଠକରେ ଉପସ୍ଥାପନା କରାଯାଇଥିବା ପ୍ରସ୍ତାବ ଗୁଡ଼ିକ ଉପରେ ନିମ୍ନଲିଖିତ ସଦସ୍ୟ / ସଦସ୍ୟା ମାନେ ଅଂଶ ଗ୍ରହଣ କରି ସେମାନଙ୍କର ପ୍ରସ୍ତାବ ଆଗତ କରିଥିଲେ ।**

ମୁଣ୍ଡାସାହି ଏକ ସ୍ଥାୟୀ ବସ୍ତି ଅଂଚଳ ହୋଇଥିବାରୁ, ସେଠାରେ ପାନୀୟ ଜଳ ଯୋଗାଣର ସ୍ଥାୟୀ ବ୍ୟବସ୍ଥା କରାଯିବାକୁ ସଦସ୍ୟ ଶ୍ରୀ ହୃଷିକେଶ ପ୍ରଧାନ ପ୍ରସ୍ତାବ ଦେଇଥିଲେ ।

**ଏ ସମ୍ପର୍କରେ ସ୍ପଷ୍ଟିକରଣ ପ୍ରଦାନ କରି କମିଶନର କହିଥିଲେ, ଏହି ବସ୍ତିଟି ବାରଙ୍ଗ ବ୍ଲକ ଅଧିନରେ ଆସୁଛି ଏବଂ ଚକ୍ରଧରପୁରଠାରେ ନିର୍ମିତ ଡ଼ମ୍ପିଙ୍ଗ ୟାର୍ଡ଼କୁ ଆବର୍ଜନା ପରିବହନ କାର୍ଯ୍ୟ ଉକ୍ତ ବସ୍ତି ଅଂଚଳ ମଧ୍ୟରେ କରାଯାଉଥିବା ଦୃଷ୍ଟିରୁ ଏବଂ ଏହି ବସ୍ତି ଅଂଚଳଟି ଏକ ପଥୁରିଆ ସ୍ଥାନରେ ରହିଥିବାରୁ, ସେଠାରେ ସ୍ଥାୟୀ ପାନୀୟ ଜଳ ନିମନ୍ତେ ବ୍ୟବସ୍ଥା କରାଯିବା ସମ୍ଭବ ହେଉନଥିବାରୁ, ସ୍ଥାନୀୟ ବସ୍ତି ଅଂଚଳର ଲୋକ ମାନଙ୍କ ଅଭିଯୋଗ ଅନୁଯାୟୀ ପ୍ରତ୍ୟେକ ବର୍ଷ ଖରା ଦିନରେ ଉକ୍ତ ବସ୍ତି ଅଂଚଳରେ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କାଉନସିଲର ଅନୁମୋଦନ କ୍ରମେ କରାଯାଇଥାଏ । ଭୁଆଷୁଣି ଠାରେ ଏଥି ନିମନ୍ତେ ପ୍ରସ୍ତାବିତ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ, ଏହି ସମସ୍ୟାର ସମାଧାନ ହୋଇପାରିବ ବୋଲି ସେ ମତ ଦେଇଥିଲେ ।**

**ବିଭିନ୍ନ ବୈଦ୍ୟୁତିକ ସାମଗ୍ରୀର ଜରୁରୀ ଆବଶ୍ୟକତା ରହିଥିବାରୁ, ଆସନ୍ତା ୩ ମାସ ନିମନ୍ତେ ଏହି ସାମଗ୍ରୀ ଗୁଡ଼ିକ ପୂର୍ବ ଅନୁମୋଦିତ ହାରରେ ସମ୍ପୃକ୍ତ ସଂସ୍ଥା ମାନଙ୍କ ଠାରୁ ଯଥାଶିଘ୍ର ସଂଗ୍ରହଣ କରାଯିବାକୁ ସଦସ୍ୟ /ସଦସ୍ୟା ମାନେ ମତ ପ୍ରକାଶ କରିଥିଲେ ।**

କେବଳ ନିଗମ ଅଧିନରେ ରହିଥିବା ଜମିର ବିକାଶ ନିଗମ ଦ୍ୱାରା କରାଯିବାକୁ ଏବଂ ଅନ୍ୟାନ୍ୟ ବିଭାଗ ଅଧିନରେ ରହିଥିବା ଜମିର ବିକାଶ ସମ୍ପୃକ୍ତ ବିଭାଗ ଦ୍ୱାରା କରାଯିବାକୁ ସଦସ୍ୟ ସର୍ବଶ୍ରୀ ବିକାଶ ରଞ୍ଜନ ବେହେରା, ଚିରଞ୍ଜୟ ସାହୁ ଏବଂ ହୃଷିକେଶ ପ୍ରଧାନ ମତ ଦେଇଥିଲେ । ଉଚ୍ଚ ନ୍ୟାୟାଳୟ ନିମନ୍ତେ ନିଗମ ଦ୍ୱାରା ନିୟୋଜିତ ସମ୍ପୃକ୍ତ ଆଇନ ପରାମର୍ଶଦାତାଙ୍କ ଦ୍ୱାରା ମାନ୍ୟବର ଉଚ୍ଚ ନ୍ୟାୟାଳୟରେ ଏ ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ଉପସ୍ଥାପନା କରାଯାଇ, ଏ ଦିଗରେ ନିଗମ ଦ୍ୱାରା କରାଯାଉଥିବା କେତେକ ଖର୍ଚ୍ଚକୁ କମ୍ କରାଯିବାକୁ ସେମାନେ ମତ ଦେଇଥିଲେ ।

**ନିଗମର ହରିଣ ପାର୍କରେ ସିମିତ ସ୍ଥାନ ତୁଳନାରେ ସେମାନଙ୍କର ସଂଖ୍ୟା ବୃଦ୍ଧି ଘଟିଥିବାରୁ, ସେମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତରଣ କରାଯିବା ପର୍ଯ୍ୟନ୍ତ ଉକ୍ତ ପାର୍କ ମଧ୍ୟରେ ଅଣ୍ଡିରା ଓ ମାଈ ହରିଣଙ୍କ ନିମନ୍ତେ ଏକ Barrier ନିର୍ମାଣ ନିମନ୍ତେ PCCF Wild Life ନିର୍ଦ୍ଦେଶ ଦେଇଥିବାରୁ, ଏହାର ନିର୍ମାଣ ପ୍ରସ୍ତାବକୁ କାଉନସିଲର ଅନୁମୋଦନ ନିମନ୍ତେ ଆଗତ କରାଯାଇଥିବା କମିଶନର ପ୍ରକାଶ କରିଥିଲେ । ଅନ୍ୟ ଏକ ସ୍ଥାନରେ ହରିଣ ପାର୍କ ନିର୍ମାଣ ପ୍ରସ୍ତାବ ଜିଲ୍ଲାପାଳଙ୍କ ସହ ଆଲୋଚନା କରାଯାଇ, ତ୍ୱରାନ୍ୱିତ କରାଯାଉଥିବା ସେ ମଧ ପ୍ରକାଶ କରିଥିଲେ । ସ୍ୱତନ୍ତ୍ର ଭାବରେ ଏହାର ନିର୍ମାଣ ନିମନ୍ତେ ରାଜ୍ୟ ସରକାରଙ୍କ ଅନୁଦାନ ପ୍ରାପ୍ତ କରାଯିବାକୁ ସେ ମଧ ପ୍ରସ୍ତାବ ପଠାଯିବା ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ ।**

ନିଗମର ହରିଣ ପାର୍କର ସିମିତ ସ୍ଥାନରେ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ରହୁଥିବା ହରିଣ ମାନଙ୍କ ଉପରେ ଦୃଷ୍ଟି ଆକର୍ଷଣ କରି ସଦସ୍ୟ ଶ୍ରୀଯୁକ୍ତ ରମଜାନ ଖାନ କହିଥିଲେ, ଯଥାଶିଘ୍ର ସେମାନଙ୍କର ସ୍ଥାନାନ୍ତର ନିମନ୍ତେ ଏକ ବିକଳ୍ପ ସ୍ଥାନ ନିରୁପଣ କରାଯିବା ଆବଶ୍ୟକ । ସେ ମଧ୍ୟ ଯଥାଶିଘ୍ର ନିଗମର ହରିଣ ପାର୍କର ଆବଶ୍ୟକ ଥିବା ଉନ୍ନୟନ ମୂଳକ କାର୍ଯ୍ୟକୁ ଅଗ୍ରାଧିକାର ପ୍ରଦାନ କରାଯିବାକୁ ମତ ଦେଇଥିଲେ ।

ହରିଣ ପାର୍କରୁ ବର୍ଷାଜଳ ନିଷ୍କାସନର ବ୍ୟବସ୍ଥା, Land Filling ଏବଂ ପମ୍ପ ସ୍ଥାପନ କାର୍ଯ୍ୟ ନିମନ୍ତେ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଉଥିବା ଦାୟୀତ୍ୱରେ ରହିଥିବା ନିର୍ବାହୀ ଯନ୍ତ୍ରୀ ପ୍ରକାଶ କରିଥିଲେ ।

ହରିଣ ପାର୍କର ଉନ୍ନତି କରଣ କାର୍ଯ୍ୟ ତଥା ନୂତନ ହରିଣ ପାର୍କ ନିର୍ମାଣ ନିମନ୍ତେ ପାଣ୍ଠିର ବ୍ୟବସ୍ଥା କରାଯିବାକୁ PCCF Wild Life କର୍ତ୍ତୃପକ୍ଷଙ୍କ ନିକଟକୁ ଉପଯୁକ୍ତ ପ୍ରସ୍ତାବ ପଠାଯିବା ନିମନ୍ତେ ସଦସ୍ୟ ଶ୍ରୀଯୁକ୍ତ ବିକାଶ ରଞ୍ଜନ ବେହେରା ପ୍ରସ୍ତାବ ଦେଇଥିଲେ ।

ନିଗମର ୪୦,୪୧,୩୮, ଏବଂ ୩୯ ନମ୍ବର ୱାର୍ଡ଼ ଗୁଡ଼ିକରେ ବର୍ଷାଦିନ ନିମନ୍ତେ Watter Logging Area ଭାବେ ଚିହ୍ନଟ କରାଯାଇଥିବା ସଦସ୍ୟ ଶ୍ରୀ ହେମନ୍ତ ବେହେରା ପ୍ରକାଶ କରିଥିଲେ ଏବଂ ପଙ୍କ ଉଦ୍ଧାର କାର୍ଯ୍ୟ ନିମନ୍ତେ କୌଣସି ଠିକାଦାର ଟେଣ୍ଡର ପକ୍ରିୟାରେ ଅଂଶ ଗ୍ରହଣ କରିନଥିବାରୁ, Departmentally ଏହି ୱାର୍ଡ଼ର ନାଳ ଗୁଡ଼ିକ ପଙ୍କ ଉଦ୍ଧାର କାର୍ଯ୍ୟ କରାଯାଉଥିବାରୁ, ଏକ ହାଉସ କମିଟି ମାଧ୍ୟମରେ ଏହି କାର୍ଯ୍ୟର ତଦାରକର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

**ବିଭିନ୍ନ ତଳିଆ ଅଂଚଳର ବର୍ଷାଜଳ ନିଷ୍କାସନର ବ୍ୟବସ୍ଥା ଏବଂ କରାଯାଇଥିବା ପଙ୍କ ଉଦ୍ଧାର କାର୍ଯ୍ୟର ତଦାରକ ବ୍ୟବସ୍ଥା କରାଯିବା ନିମନ୍ତେ ନିଗମର ସମ୍ପୃକ୍ତ ଷ୍ଟାଣ୍ଡିଙ୍ଗ କମିଟି ସହ ସମ୍ପୃକ୍ତ ଯନ୍ତ୍ରୀ ମାନେ କ୍ଷେତ୍ର ପରିଦର୍ଶନ କରି, ଏହି ସମସ୍ୟାର ସମାଧାନ ନିମନ୍ତେ ଯଥାଶିଘ୍ର ଆବଶ୍ୟକୀୟ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯିବାକୁ କମିଶନର ମତ ଦେଇଥିଲେ ।**

ସଦସ୍ୟା ଶ୍ରୀଯୁକ୍ତା ପ୍ରଳୟା ବେଉରା ବିଭିନ୍ନ ଡ୍ରେନର କର୍ଲଭର୍ଟ ଗୁଡ଼ିକ ସହ ବିଭିନ୍ନ ଚ୍ୟାମ୍ବର ଗୁଡ଼ିକର ପଙ୍କ ଉଦ୍ଧାର କାର୍ଯ୍ୟ ଠିକ୍ ଭାବେ କରାଯାଉନଥିବାର ଅଭିଯୋଗ କରିଥିଲେ । ସେ ମଧ୍ୟ ରେଳ ବିଭାଗ ତଥା ଜାତୀୟ ରାଜପଥ ବିଭାଗ ଅଧିନରେ ରହିଥିବା ଡ୍ରେନ ଗୁଡ଼ିକର ଯଥାଶିଘ୍ର ପଙ୍କ ଉଦ୍ଧାର କାର୍ଯ୍ୟ ନିମନ୍ତେ, ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କ ସହ ଆଲୋଚନା କରାଯିବାକୁ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

**ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କ ସହ ଏ ସମ୍ପର୍କରେ ଆଲୋଚନା କରାଯାଇ, ସେମାନଙ୍କ ଅଧିନରେ ରହିଥିବା ଡ୍ରେନ ଗୁଡ଼ିକର ପଙ୍କ ଉଦ୍ଧାର କାର୍ଯ୍ୟ ୧୫ ଜୁନ ସୁଦ୍ଧା ସମ୍ପୂର୍ଣ୍ଣ କରାଯିବା ନିମନ୍ତେ ସ୍ଥିର କରାଯାଇଥିବା କମିଶନର ପ୍ରକାଶ କରିଥିଲେ ।**

MSWC-I ର ଖ୍ରୀଷ୍ଟ କଲେଜ ଠାରୁ ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ଏବଂ ଶ୍ରୀବିହାର କଲୋନୀର ପଙ୍କ ଉଦ୍ଧାର କାର୍ଯ୍ୟ ବର୍ତ୍ତମାନ ସୁଦ୍ଧା ସମ୍ପୂର୍ଣ୍ଣ କରାଯାଇନଥିବା ସଦସ୍ୟ ଶ୍ରୀଯୁକ୍ତ ବିକାଶ ରଞ୍ଜନ ବେହେରା ସୂଚନା ପ୍ରଦାନ କରି, ଏ ସମ୍ପର୍କରେ ଜାଇକା କର୍ତୃପକ୍ଷଙ୍କୁ ନିର୍ଦ୍ଦେଶ ପ୍ରଦାନ  କରାଯାଇ ଯଥାଶିଘ୍ର ଏ ଅଂଚଳରେ  ବର୍ଷାଜଳ ନିଷ୍କାସନର ସମସ୍ୟା ସମାଧାନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

ଦେଉଳସାହି ଛକର ମୁଖ୍ୟ କର୍ଲଭର୍ଟ ପଙ୍କ ଉଦ୍ଧାର  କାର୍ଯ୍ୟ ବର୍ତ୍ତମାନ ସୁଦ୍ଧା କରାଯାଇନଥିବାରୁ, ଏବଂ ବର୍ଷାଜଳ ଏ ଅଂଚଳର ଲୋକମାନଙ୍କ ଘରେ ପସୁଥିବାର ଅଭିଯୋଗ ସଦସ୍ୟା ସୁଶ୍ରୀ ରଶ୍ମିତା ବିଶ୍ୱାଳ କରିଥିଲେ । ସମ୍ପୃକ୍ତ ଠିକାଦାର ମୁଖ୍ୟ ନାଳର କିଛି ଅଂଶର ପଙ୍କ ଉଦ୍ଧାର କାର୍ଯ୍ୟ ସମ୍ପୂର୍ଣ୍ଣ କରିନଥିବାରୁ, ଏ ଦିଗରେ ଦାୟୀତ୍ୱରେ ଥିବା ଯନ୍ତ୍ରୀଙ୍କ ଦ୍ୱାରା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

ଜାଇକା କର୍ତ୍ତୃପକ୍ଷଙ୍କ ଦ୍ୱାରା ଉକ୍ତ କର୍ଲଭର୍ଟର ଆବଶ୍ୟକୀୟ ମରାମତି ସହ ନିର୍ମାଣ କାର୍ଯ୍ୟ  ଏବଂ ପଙ୍କ ଉଦ୍ଧାର କାର୍ଯ୍ୟ ନିମନ୍ତେ ନିର୍ଦ୍ଦେଶ ପ୍ରଦାନ କରାଯାଇଥିବା ସଦସ୍ୟ ଶ୍ରୀ ବିକାଶ ରଞ୍ଜନ ବେହେରା ପ୍ରକାଶ କରିଥିଲେ କିନ୍ତୁ ବର୍ତ୍ତମାନ ସୁଦ୍ଧା ଏହି କାର୍ଯ୍ୟ ଆରମ୍ଭ କରାଯାଇନଥିବାରୁ, ଏହି ଦାୟୀତ୍ୱ ପ୍ରଦାନ କରାଯାଇଥିବା ସଂସ୍ଥାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

ଅଧିକାଂଶ ସ୍ଥାନରେ ନିଗମର ବିଭିନ୍ନ ଅଂଚଳର ପଙ୍କ ଉଦ୍ଧାର କାର୍ଯ୍ୟ Departmentally କରାଯାଇଥିବାରୁ, ସମ୍ପୃକ୍ତ ଅଂଚଳରେ ଜଳବନ୍ଦୀ ସମସ୍ୟା ସୃଷ୍ଟି ହେଲେ ଦାୟୀତ୍ୱରେ ରହିଥିବା ଯନ୍ତ୍ରୀ ମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସଦସ୍ୟ ଶ୍ରୀଯୁକ୍ତ ଚିରଞ୍ଜୟ ସାହୁ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

ସଦସ୍ୟା ଶ୍ରୀଯୁକ୍ତା ଅନିତା ନାୟକ ତାଙ୍କ ଅଂଚଳର ବଡ଼ନାଳ ଗୁଡ଼ିକରେ ପଙ୍କ ଉଦ୍ଧାର କାର୍ଯ୍ୟ ମେସିନ ସହାୟତାରେ କରାଯାଇଥିଲେ ମଧ କେତେକ ସ୍ଥାନରେ କଲର୍ଭଟ ଗୁଡ଼ିକର ପଙ୍କ ଉଦ୍ଧାର  କାର୍ଯ୍ୟ ବର୍ତମାନ ସୁଦ୍ଧା କରାଯାଇନଥିବାରୁ, ଏ ଦିଗରେ କୂଲୀ ନିୟୋଜିତ କରାଯାଇ ଯଥାଶିଘ୍ର ଏହି କାର୍ଯ୍ୟ କରାଯିବାକୁ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

ସଦସ୍ୟ ଶ୍ରୀଯୁକ୍ତ ସଞ୍ଜୟ କୁମାର ବରାଳ କହିଥିଲେ ନିଗମ ଅଧିନରେ ରହିଥିବା ୫୬, ୫୭, ୫୮  ଏବଂ ୫୯ ନମ୍ବର ୱାର୍ଡ଼ ମାନଙ୍କରେ  ଅଧିକାଂଶ ସ୍ଥାନରେ ଡ୍ରେନର ବ୍ୟବସ୍ଥା ନଥିଲେ ମଧ, ଏହି ଅଂଚଳର ବିଭିନ୍ନ ରାସ୍ତାରେ ନିର୍ମାଣ କରାଯାଇଥିବା କଲର୍ଭଟ ଗୁଡ଼ିକ ବର୍ତମାନ ବନ୍ଦ ହୋଇ ବର୍ଷାଜଳ ନିଷ୍କାସନରେ  ବାଧାସୃଷ୍ଟି କରି ଦୀର୍ଘ ଦିନ ଧରି ଜଳବନ୍ଦୀ ସମସ୍ୟା ସୃଷ୍ଟି କରୁଥିବାରୁ, ଏ ଦିଗରେ ନିଗମ ପକ୍ଷରୁ ଯଥାଶିଘ୍ର ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଏବଂ ସମସ୍ୟାର ସ୍ଥାୟୀ ସମାଧାନର ପନ୍ଥା ନିର୍ଦ୍ଧାରଣ ନିମନ୍ତେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

ନିକଟରେ ଜାଇକା କର୍ତୃପକ୍ଷଙ୍କ ଦ୍ୱାରା ଆୟୋଜିତ କର୍ମଶାଳାରେ ବିଭିନ୍ନ ୱାର୍ଡ଼ରେ ଉକ୍ତ ସଂସ୍ଥାଙ୍କ ମାଧମରେ ବିଭିନ୍ନ ୱାର୍ଡ଼ରେ କରାଯାଉଥିବା କାର୍ଯ୍ୟ ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ର ଘୋଷଣା ସହ ଅନେକ ପ୍ରତିଶୃତି ପ୍ରଦାନ କରାଯାଇଥିଲେ ମଧ, ବର୍ତମାନ ସୁଦ୍ଧା ଗ୍ରହଣ କରାଯାଇଥିବା ନିଷ୍ପତି ଅନୁଯାୟୀ ସମ୍ପୃକ୍ତ ୱାର୍ଡ଼ ମଧରେ କୌଣସି କାର୍ଯ୍ୟକ୍ରମ କରାଯାଇନଥିବା ସଦସ୍ୟ ଶ୍ରୀଯୁକ୍ତ ରମଜାନ ଖାନ ପ୍ରକାଶ କରି, ଏ ସମ୍ପର୍କରେ ବିସ୍ତୃତ ଆଲୋଚନା ନିମନ୍ତେ ଜାଇକା କର୍ତୃପକ୍ଷଙ୍କ ସହ ଏକ ସ୍ୱତନ୍ତ୍ର ବୈଠକ ଆୟୋଜନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

ସଦସ୍ୟ ଶ୍ରୀଯୁକ୍ତ ମନୋଜ କୁମାର ସେଠୀ, MSWC-I ର ବିଭିନ୍ନ ସ୍ଥାନରେ ପଙ୍କ ଉଦ୍ଧାର କାର୍ଯ୍ୟ ସମୟରେ ରାସ୍ତା କଡ଼ରେ ଠୁଳ କରାଯାଇଥିବା ମାଟି ଉଠାଯିବା, ଫ୍ରେଣ୍ଡସ୍ କଲୋନୀ ଠାରୁ ମେରିଆ ବଜାର ଛକ ପର୍ଯ୍ୟନ୍ତ ଉକ୍ତ ନାଳର Retaining wall ଅତ୍ୟନ୍ତ ବିପଦ୍ ଜନକ ଅବସ୍ଥାରେ ରହିଥିବାରୁ, ଏହାର ମରାମତି କାର୍ଯ୍ୟ ଯଥାଶିଘ୍ର କରାଯିବାକୁ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

ଜାଇକା କର୍ତୃପକ୍ଷଙ୍କ ଦ୍ୱାରା ବିଭିନ୍ନ ୱାର୍ଡ଼ରେ କରାଯାଉଥିବା କାର୍ଯ୍ୟ ବିବରଣୀର ଏକ ତାଲିକା, ପୂର୍ବରୁ ଗ୍ରହଣ କରାଯାଇଥବା ନିଷ୍ପତି ଅନୁଯାୟୀ ସମ୍ପୃକ୍ତ କର୍ପୋରେଟର ମାନଙ୍କୁ ଯଥାଶିଘ୍ର ପ୍ରଦାନ କରାଯିବାକୁ ସଦସ୍ୟ ତଥା ପବ୍ଲିକ ହେଲଥ ଷ୍ଟାଣ୍ଡିଙ୍ଗ କମିଟିର ଅଧକ୍ଷ ଶ୍ରୀଯୁକ୍ତ ରଞ୍ଜନ କୁମାର ବିଶ୍ୱାଳ, କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

ସଦସ୍ୟ ଶ୍ରୀଯୁକ୍ତ ଜ୍ଞାନ ରଞ୍ଜନ ସ୍ୱାଇଁ, ସିଦ୍ଧେଶ୍ୱର ସାହିର ଏକ ବଡ଼ ନାଳର ସ୍ଲାବ ଭାଙ୍ଗି ଜଳ ନିଷ୍କାସନରେ ବାଧା ସୃଷ୍ଟି କରୁଥିବା ପ୍ରକାଶ କରିଥିଲେ ଏବଂ ଏ ସମ୍ପର୍କରେ  ସମ୍ପୃକ୍ତ ଯନ୍ତ୍ରୀ ମାନଙ୍କ ଦ୍ୱାରା କ୍ଷେତ୍ର ପରିଦର୍ଶନ କରାଯାଇଥିଲେ ମଧ, ବର୍ତମାନ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବାରୁ, କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସେ ମଧ ଉକ୍ତ  ନାଳ ମଧରେ ରହିଥିବା କଲର୍ଭଟ ଗୁଡ଼ିକର ପଙ୍କ ଉଦ୍ଧାର କାର୍ଯ୍ୟ ଯଥାଶିଘ୍ର କରାଯିବାକୁ ପ୍ରସ୍ତାବ ଦେଇଥିଲେ । ସେ ମଧ ଉକ୍ତ ରାସ୍ତାରେ ଏକ ଭଙ୍ଗା ହ୍ୟୁମ ପାଇପପୁ ଉଠାଯାଇ, ଉକ୍ତ ସ୍ଥାନରେ ସ୍ଲାବ ସ୍ଥାପନ କରାଯାଇ ଜଳ ଭଙ୍ଗ ନିଷ୍କାସନର ବ୍ୟବସ୍ଥା କରାଯିବାକୁ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

ସଦସ୍ୟ ଶ୍ରୀଯୁକ୍ତ ହେମନ୍ତ କୁମାର ବେହେରା, ଯୋବ୍ରା ମ୍ୟୁନିସିପାଲ ହାଇସ୍କୁଲ ପ୍ରାଚୀର କଡ଼ରେ ଯାଇଥିବା ନାଳ ଏବଂ ଉକ୍ତ Compound Wall ଅତ୍ୟନ୍ତ ଶୋଚନୀୟ ଅବସ୍ଥାରେ ରହିଥିବାରୁ, ଉକ୍ତ ପ୍ରାଚୀର ନିର୍ମାଣ ନିମନ୍ତେ ପୂର୍ବରୁ ପ୍ରସ୍ତାବ ଆଗତ କରାଯାଇଥିବା ଦୃଷ୍ଟିରୁ, ଏହି ପ୍ରସ୍ତାବର ଅନୁମୋଦନ ନିମନ୍ତେ ଦୃଷ୍ଟି ଆକର୍ଷଣ କରିଥିଲେ । ସେ ମଧ ୱାର୍ଡ଼ ମଧରେ ରହିଥିବା ଛୋଟ ନାଳ ଗୁଡ଼ିକର ପଙ୍କ ଉଦ୍ଧାର କାର୍ଯ୍ୟ ଆସନ୍ତା ୧୫ ଦିନ ମଧରେ ବର୍ଷାଦିନ ପୂର୍ବରୁ ଆବଶ୍ୟକ ସଂଖ୍ୟକ କୂଲୀ ନିୟୋଜନ କରି ସମ୍ପୂର୍ଣ୍ଣ କରାଯିବାକୁ କମିଶନର ତଥା ସ୍ୱାସ୍ଥ୍ୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

**ବିଭିନ୍ନ କାର୍ଯ୍ୟ ନିମନ୍ତେ ସମ୍ପୃକ୍ତ କର୍ପୋରେଟର ମାନେ ପ୍ରଦାନ କରୁଥିବା ଅଭିଯୋଗ ତଥା ସମସ୍ୟା ଗୁଡ଼ିକର ସମାଧାନ ନିମନ୍ତେ ଯନ୍ତ୍ରୀ ବିଭାଗ ଦ୍ୱାରା କ୍ଷେତ୍ର ପରିଦର୍ଶନ ସମୟରେ, ସମ୍ପୃକ୍ତ କର୍ପୋରେଟର ମାନଙ୍କ ସହ ଦାୟୀତ୍ୱରେ ରହିଥିବା ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ମାନେ ଯୁଗ୍ମ ଭାବେ କ୍ଷେତ୍ର ପରିଦର୍ଶନ କରି, ସମାଧାନର ପନ୍ଥା ନିର୍ଦ୍ଧାରଣ କରିବାକୁ କମିଶନର ପରାମର୍ଶ ଦେଇଥିଲେ । ଆବଶ୍ୟକ ସ୍ଥଳେ ସମ୍ପୃକ୍ତ ନିର୍ବାହୀ ଯନ୍ତ୍ରୀ ମାନେ ମଧ ଏହି କାର୍ଯ୍ୟ ନିମନ୍ତେ ସମସ୍ତ ସହଯୋଗ ପ୍ରଦାନ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ ।**

ନିଗମ ଅଧିନରେ ରହିଥିବା ୫୬, ୫୭, ୫୮ ଏବଂ ୫୯ ନମ୍ବର ୱାର୍ଡ଼ ମାନଙ୍କରେ ବର୍ଷାଜଳ ନିଷ୍କାସନର ସ୍ଥାୟୀ ପ୍ରତିକାର ନିମନ୍ତେ ମାନ୍ୟବର ମେୟର, ଡ଼େପୁଟି ମେୟର, ସମ୍ପୃକ୍ତ ଷ୍ଟାଣ୍ଡିଙ୍ଗ କମିଟି ଅଧକ୍ଷ, କମିଶନର ତଥା ସମ୍ପୃକ୍ତ ଯନ୍ତ୍ରୀ ମାନଙ୍କ ଉପସ୍ଥିତିରେ କ୍ଷେତ୍ର ପରିଦର୍ଶନ କରାଯାଇ, କଲ୍ଭର୍ଟ ଗୁଡ଼ିକର ସଫା କରାଯିବାକୁ ଉପଯୁକ୍ତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ନିମନ୍ତେ ସଦସ୍ୟ ଶ୍ରୀଯୁକ୍ତ ସଞ୍ଜୟ କୁମାର ବରାଳ ଅନୁରୋଧ କରିଥିଲେ ।

ଆଗାମୀ ବର୍ଷା ଦିନରେ ସମ୍ପୃକ୍ତ କର୍ପୋରେଟର ମାନେ ସମ୍ମୁଖୀନ ହେବାକୁ ଥିବା ସମସ୍ୟା ଗୁଡ଼ିକ ଲିଖିତ ଭାବେ ପ୍ରଦାନ କଲେ, ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କ ଦ୍ୱାରା କ୍ଷେତ୍ର ପରିଦର୍ଶନ କରାଯାଇ, ଉପଯୁକ୍ତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯିବାକୁ ସଦସ୍ୟ ଶ୍ରୀଯୁକ୍ତ ରମଜାନ ଖାନ ପ୍ରସ୍ତାବ ଦେଇଥିଲେ ।

ସଦସ୍ୟା ଶ୍ରୀଯୁକ୍ତା ରାଜ କୁମାରୀ ସ୍ୱାଇଁ, ଜାତୀୟ ରାଜପଥ କଡ଼ରେ ନିଗମର ୫୬, ୫୭, ୫୮ ଏବଂ ୫୯ ନମ୍ବର ୱାର୍ଡ଼ ମାନଙ୍କର ନାଳ ଗୁଡ଼ିକ ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟକ୍ରମରେ ପୋତିହୋଇ, ବର୍ଷାଜଳ ନିଷ୍କାସନରେ ବାଧା ସୃଷ୍ଟି ହେଉଥିବାରୁ, ଏ ଦିଗରେ ଜାତୀୟ ରାଜପଥ କର୍ତୃପକ୍ଷଙ୍କ ସହ ଆଲୋଚନା କରାଯାଇ, ସମାଧାନର ପନ୍ଥା ନିର୍ଦ୍ଧାରଣ କରାଯିବାକୁ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

ଜାତୀୟ ରାଜପଥ କଡ଼ରେ ବର୍ଷାଜଳ ନିଷ୍କାସନର ସୁବ୍ୟବସ୍ଥା ନିମନ୍ତେ ଏହି ରାଜପଥର ନିର୍ମାଣ କାର୍ଯ୍ୟର ଦାୟୀତ୍ୱରେ ରହିଥିବା ସିମ୍ପ୍ଲେକ୍ସ କମ୍ପାନି କର୍ତୃପକ୍ଷଙ୍କ ସହ ଆଲୋଚନା କରାଯାଇ, ଏହି ସମସ୍ୟାର ପ୍ରତିକାର ବ୍ୟବସ୍ଥା କରାଯିବାକୁ ସଦସ୍ୟ ଶ୍ରୀଯୁକ୍ତ ଚିରଞ୍ଜୟ ସାହୁ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

ସଦସ୍ୟା ଶ୍ରୀଯୁକ୍ତା ବୈଶାଳୀ ବେହେରା ୱାର୍ଡ଼ ମଧରେ ପଙ୍କ ଉଦ୍ଧାର କରାଯାଇଥିବା ବଡ଼ନାଳର କେତେକ ସ୍ଥାନରେ Retaining Wall ଭାଙ୍ଗି ଯାଇଥିବାରୁ ଏବଂ କେତେକ ସ୍ଥାନରେ କଲଭର୍ଟ ଗୁଡ଼ିକ ଠିକ୍‌ଭାବେ ସଫା କରାଯାଇନଥିବାରୁ, ଏ ଦିଗରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦୃଷ୍ଟି ଆକର୍ଷଣ କରିଥିଲେ । ସେ ମଧ ୱାର୍ଡ଼ର ମଠସାହି ଓ ପୋଲିସ କଲୋନୀ ଠାରେ ନାଳପାଣି ଲୋକ ମାନଙ୍କ ଘରେ ପଶୁଥିବାରୁ, ଏହି ସମସ୍ୟାର ସ୍ଥାୟୀ ପ୍ରତିକାର ନିମନ୍ତେ ମାନ୍ୟବର ମେୟର ତଥା କମିଶନରଙ୍କ ଦ୍ୱାରା କ୍ଷେତ୍ର ପରିଦର୍ଶନ କରାଯାଇ, ଏହି ସମସ୍ୟାର ପ୍ରତିକାରର ବ୍ୟବସ୍ଥା କରାଯିବାକୁ ନିବେଦନ କରିଥିଲେ ।

ସଦସ୍ୟା ସୁଶ୍ରୀ ରଞ୍ଜିତା ବିଶ୍ୱାଳ ୱାର୍ଡ଼ରେ ଦେଉଳସାହିରେ କେତେକ ଲୋକ ନାଳ ଉପରେ ପ୍ରାଚୀର ନିର୍ମାଣ କରିଥିବାରୁ ଏବଂ ଏଥିପାଇଁ ପଙ୍କ ଉଦ୍ଧାର କାର୍ଯ୍ୟ ସମ୍ଭବ ହୋଇପାରୁନଥିବାରୁ ଏହାର ପ୍ରତିକାର ନିମନ୍ତେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

**ନିଗମର ନିର୍ବାହୀ ଯନ୍ତ୍ରୀ (୨) ଏବଂ ସଚିବଙ୍କ ଦ୍ୱାରା ଦେଉଳସାହିର ଏହି ଅଂଚଳ ପରିଦର୍ଶନ କରାଯାଇ, ଯଥାଶିଘ୍ର ଏହାର ପ୍ରତିକାରର ବ୍ୟବସ୍ଥା କରାଯିବାକୁ କମିଶନର ନିର୍ଦ୍ଦେଶ ଦେଇଥିଲେ ।**

ସଦସ୍ୟ ଶ୍ରୀଯୁକ୍ତ ମନୋଜ କୁମାର ସେଠୀ ୱାର୍ଡ଼ର ଫ୍ରେଣ୍ଡସ କଲୋନୀଠାରୁ ମାଛୁଆ ବଜାର ଛକ ଓ ଘାସିଆ ସାହି ରାସ୍ତାର ଅବରୋଧକୁ ହଟାଯାଇ, ଏହାର ନିର୍ମାଣ କାର୍ଯ୍ୟ କରାଯିବାକୁ ପ୍ରସ୍ତାବ ଦେଇଥିଲେ । ସେ ମଧ ସମ୍ପୃକ୍ତ କର୍ପୋରେଟର ମାନେ ସେମାନଙ୍କ ୱାର୍ଡ଼ ମଧରେ ଜନସାଧାରଣ ମାନଙ୍କ ଦ୍ୱାରା ବିଭିନ୍ନ ରାସ୍ତା ଓ ନାଳର ଅବରୋଧ ସମ୍ପର୍କରେ ଲିଖିତ ଭାବେ ଅଭିଯୋଗ ପ୍ରଦାନ କରିବାକୁ ପ୍ରସ୍ତାବ ଦେଇଥିଲେ ଏବଂ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଅନୁରୋଧ କରିଥିଲେ ।

ସଦସ୍ୟା ଶ୍ରୀଯୁକ୍ତା ଗିରିବାଳା ବେହେରା, ସିଡ଼ିଏ ଅଂଚଳର ଆବର୍ଜନା ପରିବହନ କାର୍ଯ୍ୟ ନିମନ୍ତେ ଆବଶ୍ୟକ ସଂଖ୍ୟକ ଅତିରିକ୍ତ ଗାଡ଼ିର ବ୍ୟବସ୍ଥା କରାଯିବାକୁ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

ସଦସ୍ୟ ଶ୍ରୀଯୁକ୍ତ ବିଜୟ କୁମାର ସାହୁ, ବିଭିନ୍ନ ବିଭାଗ ଦ୍ୱାରା କାଉନସିଲର ଅନୁମୋଦନ ନିମନ୍ତେ ଉପସ୍ଥାପନ କରାଯାଇଥିବା ପ୍ରସ୍ତାବ ଗୁଡ଼ିକୁ ସ୍ୱାଗତ କରି, ସେ ଗୁଡ଼ିକ ଅନୁମୋଦନ କରାଯିବାକୁ ସମସ୍ତଙ୍କୁ ନିବେଦନ କରିଥିଲେ । ସେ ମଧ ବିଭିନ୍ନ ସମୟରେ ମାନ୍ୟବର ମେୟର ତଥା କମିଶନରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ନିର୍ଦ୍ଦେଶ ଗୁଡ଼ିକ, ବିଭିନ୍ନ ବିଭାଗୀୟ ଅଧିକାରୀ ମାନଙ୍କ ଦ୍ୱାରା ଯଥାଶିଘ୍ର କାର୍ଯ୍ୟକାରୀ ଦିଗରେ ଗୁରୁତ୍ୱ ପ୍ରଦାନ କରାଯିବାକୁ ପ୍ରସ୍ତାବ ଦେଇଥିଲେ । ବିଭିନ୍ନ ସମୟରେ ସମ୍ପୃକ୍ତ କର୍ପୋରେଟର ମାନେ ପ୍ରଦାନ କରୁଥିବା ପ୍ରସ୍ତାବ ଗୁଡ଼ିକ କ୍ଷେତ୍ର କର୍ମଚାରୀ ମାନେ ଗୁରୁତ୍ୱ ପ୍ରଦାନ କରୁନଥିବାର ଅଭିଯୋଗ ମଧ କରିଥିଲେ । ୱାର୍ଡ଼ ମଧରେ ରହିଥିବା ଗ୍ରାଣ୍ଡ ସିନେମା ହଲ ଗଳୀ ନାଳର ପଙ୍କ ଉଦ୍ଧାର କାର୍ଯ୍ୟ ନିମନ୍ତେ ପ୍ରସ୍ତାବ ଆଗତ କରାଯାଇଥିଲେ ମଧ, ଏହି କାର୍ଯ୍ୟର ଦାୟୀତ୍ୱରେ ରହିଥିବା ସହକାରୀ ଯନ୍ତ୍ରୀଙ୍କ କର୍ତବ୍ୟବୋଧ ଏବଂ କାର୍ଯ୍ୟଶୈଳୀକୁ ସମାଲୋଚନା କରିଥିଲେ । ସେ ମଧ ଦଳମତ ନିର୍ବିଶେଷରେ ନିଗମର ସମସ୍ତ କର୍ପୋରେଟର ମାନେ ପ୍ରଦାନ କରୁଥିବା ପ୍ରସ୍ତାବ ଗୁଡ଼ିକ ଗୁରୁତ୍ୱର ସହ ଅନୁଧ୍ୟାନ କରାଯାଇ, ବିଭାଗୀୟ ଅଧିକାରୀ ମାନଙ୍କ ଦ୍ୱାରା ସମୟୋଚିତ ପଦକ୍ଷେପ ଗ୍ରହଣ କରାଯିବା ଉପରେ ଦୃଷ୍ଟି ଦେବାକୁ କମିଶନରଙ୍କୁ ଅନୁରୋଧ କରିଥିଲେ ।

ନିଗମର ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ବିଭିନ୍ନ ଓ୍ୱାର୍ଡ଼ର ପଙ୍କ ଉଦ୍ଧାର କାର୍ଯ୍ୟ ନିମନ୍ତେ ପ୍ରସ୍ତୁତ କରାଯାଇଥିବା ଡ୍ରେନ ତାଲିକାରେ କେତେକ ତ୍ରୁଟୀ ସମ୍ପର୍କରେ ସଦସ୍ୟ ଶ୍ରୀଯୁକ୍ତ ହେମନ୍ତ କୁମାର ବେହେରା ସୂଚନା ପ୍ରଦାନ କରି, ଓ୍ୱାର୍ଡ଼ର କାର୍ଯ୍ୟ କ୍ଷେତ୍ରକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ପରିଦର୍ଶନ କରୁନଥିବାର ଅଭିଯୋଗ ମଧ କରିଥିଲେ ।

ଏ ସମ୍ପର୍କରେ ସ୍ପଷ୍ଟିକରଣ ପ୍ରଦାନ କରି ସ୍ୱାସ୍ଥ୍ୟ ଅଧିକାରୀ କହିଥିଲେ ପ୍ରତ୍ୟେକ ବର୍ଷ ଟେଣ୍ଡର ମାଧମରେ ପଙ୍କ ଉଦ୍ଧାର କାର୍ଯ୍ୟ ନିମନ୍ତେ ସ୍ଥିର କରାଯାଇଥିବା ତାଲିକ, ନିଗମର ଯନ୍ତ୍ରୀ ବିଭାଗ ଦ୍ୱାରା କାର୍ଯ୍ୟାନୁଷ୍ଠାନ ନିମନ୍ତେ ପଠାଯାଇଥାଏ । କିନ୍ତୁ ପୂର୍ବରୁ ଥିବା ୫୪ଟି ଓ୍ୱାର୍ଡ଼କୁ ୫୯ଟି ଓ୍ୱାର୍ଡ଼ରେ ପରିବର୍ତନ ସମୟରେ, ଚଳିତ ବର୍ଷ ଓ୍ୱାର୍ଡ଼ ଓ୍ୱାରୀ ଡ୍ରେନ ଗୁଡ଼ିକ ପ୍ରସ୍ତୁତ ତାଲିକାରେ କେତେକ ତ୍ରୁଟୀ ପରିଲକ୍ଷୀତ ହୋଇଥିବା ସେ ସ୍ୱୀକାର କରିଥିଲେ । ମାନ୍ୟବର ଉଚ୍ଚନ୍ୟାୟାଳୟଙ୍କ ନିର୍ଦ୍ଦେଶ କ୍ରମେ ଓ୍ୱାର୍ଡ଼ ଓ୍ୱାରୀ ଡ୍ରେନ ଗୁଡ଼ିକର ପଙ୍କ ଉଦ୍ଧାର କାର୍ଯ୍ୟ ନିମନ୍ତେ ନିଗମର ଯନ୍ତ୍ରୀ ବିଭାଗ ଦ୍ୱାରା ଟେଣ୍ଡର କରାଯାଇଛି । ଯଦି ଏହି ଟେଣ୍ଡର କାର୍ଯ୍ୟରେ ସମ୍ପୃକ୍ତ ଓ୍ୱାର୍ଡ଼ର ଡ୍ରେନ କାର୍ଯ୍ୟ ସଠିକ୍ ଭାବେ ଦର୍ଶାଯାଇନଥିବ, ତେବେ ଏହାକୁ ସଂଶୋଧନ କରାଯାଇ ପଙ୍କ ଉଦ୍ଧାର କାର୍ଯ୍ୟ ଗୁଡ଼ିକ ସମ୍ପୂର୍ଣ୍ଣ କରାଯିବାକୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଥିବା ସେ ପ୍ରକାଶ କରିଥିଲେ ।

ସଦସ୍ୟ ଶ୍ରୀଯୁକ୍ତ ହୃଷୀକେଶ ପ୍ରଧାନ ସମ୍ପୃକ୍ତ ଓ୍ୱାର୍ଡ଼ର କର୍ପୋରେଟର ତଥା ବିଭାଗୀୟ ଅଧିକାରୀ ମାନେ ବିଭିନ୍ନ ଓ୍ୱାର୍ଡ଼ ମଧ୍ୟରେ ରହିଥିବା ମେଜର ସରଫେସ ଡ୍ରେନର ଦୈର୍ଘ୍ୟ ସମ୍ପର୍କରେ ଅବଗତ ନଥିବାରୁ, ଏ ଗୁଡ଼ିକର ପଙ୍କ ଉଦ୍ଧାର କାର୍ଯ୍ୟ ସମ୍ପର୍କରେ ସଠିକ ଆକଳନ ସମ୍ଭବ ହେଉନଥିବା ପ୍ରକାଶ କରିଥିଲେ । ସେ ମଧ ବିଭିନ୍ନ ଓ୍ୱାର୍ଡ଼ରେ ସରଫେସ ଡ୍ରେନ ଗୁଡ଼ିକର ପଙ୍କ ଉଦ୍ଧାର କାର୍ଯ୍ୟ ନିମନ୍ତେ ନିୟୋଜିତ କୂଲୀ ମାନଙ୍କ କାର୍ଯ୍ୟକୁ ବିଭାଗୀୟ ଅଧିକାରୀମାନେ ତଦାରକ କରୁନଥିବାର ଅଭିଯୋଗ ମଧ କରିଥିଲେ । ତେଣୁ ପ୍ରତ୍ୟେକ କର୍ପୋରେଟର ମାନଙ୍କୁ ସେମାନଙ୍କ ଓ୍ୱାର୍ଡ଼ ମଧ୍ୟରେ ରହିଥିବା ଡ୍ରେନ ଗୁଡ଼ିକର ତାଲିକା ପ୍ରଦାନ ସହ, ଏକ କମିଟି ମାଧମରେ ପଙ୍କ ଉଦ୍ଧାର କାର୍ଯ୍ୟର ସମିକ୍ଷା କରାଯିବା ସହ, ଅତ୍ୟନ୍ତ ପକ୍ଷେ ୧୫ ଦିନ ନିମନ୍ତେ ନିୟମିତ ୫ ଜଣ ଲେଖାଏଁ ଅତିରିକ୍ତ କୂଲୀ ନିୟୋଜନ କରାଯାଇ, ଅବଶିଷ୍ଟ ସରଫେଓ ଡ୍ରେନ ଗୁଡ଼ିକର ପଙ୍କ ଉଦ୍ଧାର କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବା ଏବଂ ଠିକ ସମୟରେ ଉକ୍ତ ପଙ୍କ ଗୁଡ଼ିକ ଉଠାଯିବା ନିମନ୍ତେ ବ୍ୟବସ୍ଥା କରାଯିବାକୁ ସେ କମିଶନର ତଥା ସ୍ୱାସ୍ଥ୍ୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

ସଦସ୍ୟା ସୁଶ୍ରୀ ପ୍ରମିଳା ମହାନ୍ତି, ଓ୍ୱାର୍ଡ଼ର ସରଫେସ ଡ୍ରେନ ଗୁଡ଼ିକର ପଙ୍କ ଉଦ୍ଧାର କାର୍ଯ୍ୟ ନିମନ୍ତେ, ନିୟୋଜିତ ସଂସ୍ଥାଙ୍କ ଦ୍ୱାରା ବର୍ତମାନ ସୁଦ୍ଧା କୌଣସି କୂଲୀ ପଠାଯାଇନଥିବାରୁ, ଏ ଦିଗରେ ଯଥାଶିଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସ୍ୱାସ୍ଥ୍ୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

ସଦସ୍ୟା ସୁଶ୍ରୀ ରଞ୍ଜିତା ବିଶ୍ୱାଳ ଓ୍ୱାର୍ଡ଼ ନିମନ୍ତେ ଉଦ୍ଧିଷ୍ଟ ସ୍ଥାୟୀ ଫାଇଲେରିଆ କୂଳୀମାନେ ନିୟମିତ ଓ୍ୱାର୍ଡ଼କୁ ଆସୁନଥିବାର ଅଭିଯୋଗ କରି, ସମ୍ପୃକ୍ତ ଓ୍ୱାର୍ଡ଼ର ଏକ ନିର୍ଦ୍ଧାରିତ ସ୍ଥାନରେ ସେମାନଙ୍କର ନିୟମିତ Attendance ନେବାର ବ୍ୟବସ୍ଥା କରାଯିବା ସହ ଉକ୍ତ ସ୍ଥାନ ମାନଙ୍କରୁ ସମ୍ପୃକ୍ତ ଓ୍ୱାର୍ଡ଼ ନିମନ୍ତେ ମଶାତେଲ ପ୍ରଦାନର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

ବିଭିନ୍ନ ଓ୍ୱାର୍ଡ଼ର ଏରିଆକୁ ଦୃଷ୍ଟିରେ ରଖାଯାଇ, ସମ୍ପୃକ୍ତ ଓ୍ୱାର୍ଡ଼ ମଧ୍ୟରେ ବୁଶ କଟିଂ ନିମନ୍ତେ ଆବଶ୍ୟକ ସଂଖ୍ୟକ ବୁଶ କଟର ନିୟୋଜନ ତଥା ସମୟସୀମା ଧାର୍ଯ୍ୟ କରାଯିବାକୁ ସଦସ୍ୟ ଶ୍ରୀଯୁକ୍ତ ହୃଷୀକେଶ ପ୍ରଧାନ ପ୍ରସ୍ତାବ ଦେଇଥିଲେ । ସେ ମଧ ଓ୍ୱାର୍ଡ଼ ମଧ୍ୟରେ ରହିଥିବା ଡ୍ରେନର ସଂଖ୍ୟାକୁ ଦୃଷ୍ଟିରେ ରଖାଯାଇ ଏ ଗୁଡ଼ିକର ପଙ୍କ ଉଦ୍ଧାର କାର୍ଯ୍ୟ ନିମନ୍ତେ କୂଲୀ ନିୟୋଜନର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

ସଦସ୍ୟା ଶ୍ରୀଯୁକ୍ତା ଇତିଶ୍ରୀ ଦାସ, ଓ୍ୱାର୍ଡ଼ ନିମନ୍ତେ ନିୟୋଜିତ ୫ଜଣ ଫାଇଲେରିଆ କୂଲୀଙ୍କ ମଧ୍ୟରୁ କେବଳ ୩ଜଣ ନିୟମିତ ଆସୁଥିଲେ ମଧ ସେମାନଙ୍କ ମଧ୍ୟରୁ କେବଳ ଜଣେ କାର୍ଯ୍ୟକ୍ଷମ ଥିବାରୁ, ସମଗ୍ର ଓ୍ୱାର୍ଡ଼ର ଫାଇଲେରିଆ ନିରାକରଣ କାର୍ଯ୍ୟକ୍ରମ ସଫଳ ହେଉନଥିବାର ଅଭିଯୋଗ କରି, ଏହି ସମସ୍ୟାର ସମାଧାନ ଦିଗରେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

ସଦସ୍ୟା ଶ୍ରୀଯୁକ୍ତ କାଂଚନ ଦାସ, ଓ୍ୱାର୍ଡ଼ର ଝୋଲାସାହି ବଲିଉଡ଼ ଗାରମେଣ୍ଟ ଦୋକାନ ଠାରୁ ତିନିଘରିଆ ଛକ ପର୍ଯ୍ୟନ୍ତ, ଜାଇକା ପ୍ରକଳ୍ପ କାର୍ଯ୍ୟ ଦ୍ୱାରା ରାସ୍ତାଟି ଅତ୍ୟନ୍ତ ଶୋଚନୀୟ ଅବସ୍ଥାରେ ରହିଥିବାରୁ, ଜାଇକା କର୍ତୃପକ୍ଷଙ୍କ ଦ୍ୱାରା ଏହି ରାସ୍ତାର ନିର୍ମାଣ କାର୍ଯ୍ୟ ପର୍ଯ୍ୟନ୍ତ, ଯଥାଶିଘ୍ର ନିଗମ ଦ୍ୱାରା ଏହି ରାସ୍ତାର ଆବଶ୍ୟକୀୟ ମରାମତି କାର୍ଯ୍ୟ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

ସଦସ୍ୟା ଶ୍ରୀଯୁକ୍ତ ନମିତା ବାରିକ ଓ୍ୱାର୍ଡ଼ର ତଳ ପୋଲିସ କଲୋନୀ ମଧ୍ୟରେ ଜାଇକା ଦ୍ୱାରା ନିର୍ମାଣ କରାଯାଇଥିବା ଡ୍ରେନ ଉପରେ ଯଥାଶିଘ୍ର ସ୍ଲାବ ସ୍ଥାପନ କରାଯିବା ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବା ନିମନ୍ତେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

ସଦସ୍ୟ ଶ୍ରୀଯୁକ୍ତ ବିଜୟ କୁମାର ସାହୁ, ୱାର୍ଡ଼ରେ ପ୍ରଫେସର ପଡ଼ା କେଶବ ସାହୁ ଛକରେ ଲାଇଟର ବ୍ୟବସ୍ଥା ଯଥାଶିଘ୍ର କରାଯିବାକୁ ପ୍ରସ୍ତାବ ଦେଇ, ପ୍ରତ୍ୟେକ କାର୍ଯ୍ୟ ନିମନ୍ତେ ନିଗମର ସମସ୍ତ ବିଭାଗ ଦ୍ୱାରା ସହଯୋଗ ତଥା କର୍ପୋରେଟର ମାନଙ୍କ ସହ ପ୍ରତ୍ୟେକ କ୍ଷେତ୍ରରେ ସମନ୍ୱୟ ରକ୍ଷା କରାଯିବାକୁ ମତ ଦେଇଥିଲେ ।

ସଦସ୍ୟା ଶ୍ରୀଯୁକ୍ତା କବିତା ଖଣ୍ଡାଇ, ବର୍ଷାଦିନ ନିମନ୍ତେ ସମସ୍ତ ୱାର୍ଡ଼ ପାଇଁ ବ୍ଲିଚିଙ୍ଗ ପାଉଡ଼ର, ବୈଦ୍ୟୁତିକ ସଂରଞ୍ଜାମ ଗୁଡ଼ିକର ଜରୁରୀ ଆବଶ୍ୟକ ରହିଥିବାରୁ, ଯଥାଶିଘ୍ର ଏ ଗୁଡ଼ିକ ସଂଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ । ସେ ମଧ ୱାର୍ଡ଼ ମଧରେ ଭାଙ୍ଗିଯାଇଥିବା କେତେକ ଡ୍ରେନର ମରାମତି କାର୍ଯ୍ୟ ଅଗ୍ରାଧିକାର ଭିତିରେ କରାଯିବାକୁ ପ୍ରସ୍ତାବ ମଧ ଦେଇଥିଲେ । ୱାର୍ଡ଼ ମଧରେ ରହିଥିବା ଛୋଟ ଡ୍ରେନ ଗୁଡ଼ିକର ପଙ୍କ ଉଦ୍ଧାର କାର୍ଯ୍ୟ ନିମନ୍ତେ ସ୍ୱତନ୍ତ୍ର ଭାବେ ଏକ ମାସ ନିମନ୍ତେ ଆବଶ୍ୟକ ସଂଖ୍ୟକ କୂଲୀ ନିୟୋଜନର ବ୍ୟବସ୍ଥା କରାଯିବାକୁ ମଧ ନିବେଦନ କରିଥିଲେ ।

ସଦସ୍ୟା ଶ୍ରୀଯୁକ୍ତା ଗିରିବାଲା ବେହେରା ରାମକୀ ସଂସ୍ଥା ଦ୍ୱାରା ଠିକ୍ ସମୟରେ ଗାରବେଜ ପଏଣ୍ଟ ମାନଙ୍କରୁ ଅଳିଆ ଉଠାଯାଉନଥିବାର ଅଭିଯୋଗ କରି, ଏ ଦିଗରେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସିଡ଼ିଏ ର ବିଭିନ୍ନ ଅଂଚଳ ନିମନ୍ତେ ରାସ୍ତାଲୋକ, ବ୍ଲିଚିଙ୍ଗ ପାଉଡ଼ର ଏବଂ ବ୍ରସ କଟରର ବ୍ୟବସ୍ଥା କରାଯିବାକୁ ମଧ ନିବେଦନ କରିଥିଲେ ।

ସଦସ୍ୟା ସୁଶ୍ରୀ ପଦ୍ମା ଭୂୟାଁ କାଉନସିଲର ଏହି ବିଧିବଦ୍ଧ ପୂର୍ଣ୍ଣାଙ୍ଗ ବୈଠକକୁ ସମସ୍ତଙ୍କୁ ଅଭିନନ୍ଦନ ଜ୍ଞାପନ କରି, ୱାର୍ଡ଼ ମଧ ରହିଥିବା ସମସ୍ତ ଡ୍ରେନର ପଙ୍କ ଉଦ୍ଧାର କାର୍ଯ୍ୟ କରାଯାଇନଥିବାର ଅଭିଯୋଗ କରିଥିଲେ । ସେ ମଧ ୱାର୍ଡ଼ ନିମନ୍ତେ ନିୟୋଜିତ ୩ ଜଣ ଡ଼ିଜି କୂଲୀଙ୍କ ବଦଳରେ ନୂତନ ଡ୍ରେନ ଗ୍ୟାଙ୍ଗ ନିୟୋଜନ ସହ, ୱାର୍ଡ଼ର ବିଭିନ୍ନ ସ୍ଥାନରେ ଷ୍ଟ୍ରିଟ ଲାଇଟର ବ୍ୟବସ୍ଥା ଯଥାଶିଘ୍ର କରାଯିବାକୁ ଅନୁରୋଧ କରିଥିଲେ ।

ସଦସ୍ୟ ଶ୍ରୀଯୁକ୍ତ ଅନିଲ ନିଳାଦ୍ରୀ ମାଲଗୋଦାମ ଅଂଚଳର ଡ୍ରେନ ଗୁଡ଼ିକ ଉପରେ ସ୍ଲାବ ସ୍ଥାପନର ବ୍ୟବସ୍ଥା କରାଯିବା ନିମନ୍ତେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

ସଦସ୍ୟ ଶ୍ରୀଯୁକ୍ତ ସଞ୍ଜୟ କୁମାର ବରାଳ, ୫୬, ୫୭, ୫୮ ଏବଂ ୫୯ ନମ୍ବର ୱାର୍ଡ଼ ମାନଙ୍କରେ ରାମକୀ ସଂସ୍ଥାଙ୍କ ଦ୍ୱାରା କେବଳ ୪ଜଣ ଲେଖାଏଁ ସୁଇପର ଏବଂ ୨ଜଣ ଲେଖାଏଁ କୂଲୀ ନିୟୋଜନ କରାଯାଇଥିବାରୁ, ୱାର୍ଡ଼ର ସମସ୍ତ ଅଂଚଳରେ ପରିମଳ ବ୍ୟବସ୍ଥା ଠିକ୍ ଭାବେ କାର୍ଯ୍ୟକାରୀ ହେଉନଥିବାର ଅଭିଯୋଗ କରି, ଏ ଦିଗରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ କମିଶନର ତଥା ସ୍ୱାସ୍ଥ୍ୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

ନିଗମର ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା ସମ୍ପର୍କରେ କର୍ପୋରେଟର ମାନେ ପ୍ରକାଶ କରିଥିବା ଉଦ୍‌ବେଗ ଏବଂ ପ୍ରଦାନ କରିଥିବା ପ୍ରସ୍ତାବ ଗୁଡ଼ିକ ଉପରେ ନିଗମର ସ୍ୱାସ୍ଥ୍ୟ ଅଧିକାରୀ ସ୍ପଷ୍ଟିକରଣ ପ୍ରଦାନ କରିଥିଲେ । ସେ କହିଥିଲେ ଔପଚାରିକ ଭାବେ ନିଗମର ହେଲଥ ଷ୍ଟାଣ୍ଡିଙ୍ଗ କମିଟି ବୈଠକରେ ସମସ୍ତ ସମସ୍ୟା ଗୁଡ଼ିକ ଆଲୋଚନା କରାଯାଇଛି ଏବଂ ଜରୁରୀକାଳୀନ ଭିତିରେ ଆବଶ୍ୟକ ଥିବା କେତେକ କାର୍ଯ୍ୟର ଅନୁମୋଦନ ନିମନ୍ତେ ପ୍ରସ୍ତାବ ଗୁଡ଼ିକ ଆଗତ କରାଯାଇଅଛି । ପରବର୍ତି ସମୟରେ ହେଲଥ ଷ୍ଟାଣ୍ଡିଙ୍ଗ କମିଟିର ସୁପାରିଶ କ୍ରମେ ଅନ୍ୟାନ୍ୟ ପ୍ରସଙ୍ଗ ଗୁଡ଼ିକ କାଉନସିଲର ଅନୁମୋଦନ କ୍ରମେ ଯଥାଶିଘ୍ର କାର୍ଯ୍ୟକାରୀ କରାଯିବାକୁ ସେ ପ୍ରତିଶୃତି ଦେଇଥିଲେ ।

ପ୍ରତ୍ୟେକ ୱାର୍ଡ଼ ନିମନ୍ତେ ଆବଶ୍ୟକ ସଂଖ୍ୟକ କୂଲୀ ନିୟୋଜନର ବ୍ୟବସ୍ଥା ୱାର୍ଡ଼ର ମେଟ ଏବଂ ସାନିଟାରୀ ଇନ୍ସପେକ୍ଟର ମାନଙ୍କ ଦ୍ୱାରା ପ୍ରତ୍ୟେକ କାର୍ଯ୍ୟର ତଦାରକ ବ୍ୟବସ୍ଥାର ତର୍ଜମା କରାଯାଇ ବୈଠକରେ ସର୍ବ ସମ୍ମତି କ୍ରମେ ନିଷ୍ପତି ଗ୍ରହଣ କରାଯିବାକୁ ପବ୍ଲିକ ହେଲଥ ଷ୍ଟାଣ୍ଡିଙ୍ଗ କମିଟିର ଅଧକ୍ଷ ଶ୍ରୀଯୁକ୍ତ ରଞ୍ଜନ କୁମାର ବିଶ୍ୱାଳ ପ୍ରସ୍ତାବ ଆଗତ କରିଥିଲେ ।

**ପ୍ରତ୍ୟେକ ଦିନ ୱାର୍ଡ଼କୁ ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା ନିମନ୍ତେ ନିୟୋଜିତ କର୍ମଚାରୀ ମାନଙ୍କ ତାଲିକା ସହ ସେମାନଙ୍କ କାର୍ଯ୍ୟର ତଦାରକ ଦାୟୀତ୍ୱରେ ଥିବା ମେଟ, ସୁପରଭାଇଜର ଏବଂ ଇନ୍ସପେକ୍ଟର ମାନଙ୍କର ନାମ ଓ ମୋବାଇଲ ନମ୍ବର ସମ୍ପୃକ୍ତ କର୍ପୋରେଟର ମାନଙ୍କୁ ପ୍ରଦାନ କରାଯିବାକୁ ସ୍ୱାସ୍ଥ୍ୟ ଅଧିକାରୀ ସୂଚନା ଦେଇଥିଲେ ଏବଂ ପ୍ରତ୍ୟେକ ମାସର ସେମାନଙ୍କ ଉପସ୍ଥିତି ସମ୍ପର୍କରେ ସମ୍ପୃକ୍ତ କର୍ପୋରେଟର ମାନଙ୍କ ଠାରୁ ରିପୋର୍ଟ ମିଳିବା ପରେ ସେମାନଙ୍କର ମାସିକ ବେତନ ପ୍ରଦାନ କରାଯିବାକୁ ମଧ ସେ ସୂଚନା ଦେଇଥିଲେ । ସ୍ୱାସ୍ଥ୍ୟ ଅଧିକାରୀଙ୍କ ଏହି ପ୍ରସ୍ତାବକୁ ସର୍ବ ସମ୍ମତି କ୍ରମେ ସ୍ୱାଗତ କରାଯାଇଥିଲା ।**

ସଦସ୍ୟା ଶ୍ରୀଯୁକ୍ତା ବୈଶାଳୀ ବେହେରା ୱାର୍ଡ଼ ନଂ-୨୮ ଏବଂ ୩୦ ନମ୍ବର ୱାର୍ଡ଼ର ସ୍ଥିର କରାଯାଇଥିବା ପରିସିମା ଅନୁଯାୟୀ ଭୋଟର ତାଲିକା ଏବଂ କାର୍ଯ୍ୟ ପରିସର ମଧ୍ୟରେ ତାରତମ୍ୟ ସୃଷ୍ଟି ହୋଇଥିବାରୁ, ୱାର୍ଡ଼ର ସୀମା ନିର୍ଦ୍ଧାରଣ ଅନୁଯାୟୀ ମ୍ୟାପ ପ୍ରଦାନ କରାଯିବାକୁ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

**ଏ ସମ୍ପର୍କରେ ସ୍ପଷ୍ଟିକରଣ ପ୍ରଦାନ କରି କମିଶନର କହିଥିଲେ ମ୍ୟୁନିସିପାଲ ଇଲେକ୍ସନ ସମୟରେ ଧାର୍ଯ୍ୟ କରାଯାଇଥିବା ପରିସୀମା ଏବଂ ଧାର୍ଯ୍ୟ କରାଯାଇଥିବା ବିଭିନ୍ନ ୱାର୍ଡ଼ର Boundary ଅନୁଯାୟୀ, ସମ୍ପୃକ୍ତ ୱାର୍ଡ଼ ମଧ୍ୟରେ ପ୍ରତ୍ୟେକ କାର୍ଯ୍ୟ କରାଯିବ ଏବଂ ସମସ୍ତ କର୍ପୋରେଟର ମାନଙ୍କୁ ସମ୍ପୃକ୍ତ ୱାର୍ଡ଼ର ମ୍ୟାପ ପ୍ରଦାନ କରାଯିବାକୁ ସେ ମଧ ପ୍ରତିଶ୍ରୁତି ପ୍ରଦାନ କରିଥିଲେ ।**

ଆଗାମୀ ବର୍ଷାଦିନ ନିମନ୍ତେ ସ୍ୱାସ୍ଥ୍ୟ ବିଭାଗ ଅଧିନରେ କରାଯିବାକୁ ଥିବା କାର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯାଇ ବୈଠକରେ ବିଧିବଦ୍ଧ ନିଷ୍ପତି ଗ୍ରହଣ କରାଯିବା ନିମନ୍ତେ ସଦସ୍ୟ ଶ୍ରୀଯୁକ୍ତ ବିକାଶ ରଞ୍ଜନ ବେହେରା ପ୍ରସ୍ତାବ ଦେଇଥିଲେ ।

ସଦସ୍ୟ ଶ୍ରୀଯୁକ୍ତ ରମଜାନ ଖାନ ଏହି ପ୍ରସ୍ତାବକୁ ସମର୍ଥନ କରିବା ସହ, ଜରୁରୀ କାଳୀନ ପରିସ୍ଥିତିରେ ବର୍ଷାଦିନ ନିମନ୍ତେ ପ୍ରସ୍ତାବିତ ସମସ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇ, ଏହି ବୈଠକରେ ନିଷ୍ପତି ଗ୍ରହଣ କରାଯିବାକୁ ମତ ଦେଇଥିଲେ ।

ବିଭିନ୍ନ ୱାର୍ଡ଼ର ମୁଖ୍ୟ ମୌଳିକ ସମସ୍ୟା ପଙ୍କ ଉଦ୍ଧାର କାର୍ଯ୍ୟ, ବର୍ଷାଜଳ ନିଷ୍କାସନ ନିମନ୍ତେ ପମ୍ପ ସ୍ଥାପନ ଏବଂ ରାସ୍ତାଲୋକର ବ୍ୟବସ୍ଥା ନିମନ୍ତେ ବୈଠକରେ ଆଲୋଚନା କରାଯାଇ, ନୀତିଗତ ନିଷ୍ପତି ଗ୍ରହଣ କରାଯିବାକୁ ସଦସ୍ୟା ଶ୍ରୀଯୁକ୍ତା ପ୍ରଳମ୍ଭା ବେଉରା ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ ।

ଡେଙ୍ଗୁରୋଗ ବ୍ୟାପିବାର ସମ୍ଭାବନାକୁ ଦୃଷ୍ଟିରେ ରଖାଯାଇ ଏହାର ନିରାକରଣ ଓ ସଚେତନତା ସୃଷ୍ଟି ନିମନ୍ତେ ଆସନ୍ତା ୧୨ ଓ ୧୩ ତାରିଖର କାର୍ଯ୍ୟକ୍ରମ ସହ, ପର୍ଯ୍ୟାୟ କ୍ରମେ ପ୍ରତ୍ୟେକ ୱାର୍ଡ଼ ମଧ୍ୟରେ ସମ୍ପୃକ୍ତ କର୍ପୋରେଟର ମାନଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମକୁ ବ୍ୟାପକ କରାଯିବାକୁ ହେଲଥ ଷ୍ଟାଣ୍ଡିଙ୍ଗ କମିଟିର ଅଧକ୍ଷ ଶ୍ରୀଯୁକ୍ତ ରଞ୍ଜନ କୁମାର ବିଶ୍ୱାଳ ପ୍ରସ୍ତାବ ମଧ ଆଗତ କରିଥିଲେ ।

ସର୍ବ ସମ୍ମତି କ୍ରମେ ଏହି ପ୍ରସ୍ତାବକୁ ସମସ୍ତ ସଦସ୍ୟ / ସଦସ୍ୟା ମାନେ ସମର୍ଥନ କରିଥିଲେ ।

**ନିଗମର ପାର୍କ ଆଣ୍ଡ ପ୍ଲାଣ୍ଟେସନ ବିଭାଗ ଦ୍ୱାରା ଆଗତ କରାଯାଇଥିବା ବିଭିନ୍ନ ପ୍ରସ୍ତାବ ଉପରେ କମିଶନର ଆଲୋକ ପାତ କରିଥିଲେ । ଉପସ୍ଥାପନ କରାଯାଇଥିବା ପ୍ରସ୍ତାବ ଗୁଡ଼ିକ ମଧ୍ୟରେ ନିଗମର ସେଣ୍ଟ୍ରାଲ ନର୍ସରୀର ଆବଶ୍ୟକୀୟ ମରାମତି ତଥା ଉନ୍ନୟନ ମୂଳକ କାର୍ଯ୍ୟକୁ ଅର୍ନ୍ତଭୁକ୍ତ କରାଯିବା ନିମନ୍ତେ ଏଜୁକେସନ ରିକ୍ରେସନ ଷ୍ଟାଣ୍ଡିଙ୍ଗ କମିଟିର ଅଧକ୍ଷା ଶ୍ରୀଯୁକ୍ତ ଏ. ଶ୍ରୀଦେବୀ ପ୍ରସ୍ତାବ ଆଗତ କରିଥିଲେ । ଆସନ୍ତା ବନ ମହୋତ୍ସବ ପାଳନ ଅବସରରେ ନିଗମର ସେଣ୍ଟ୍ରାଲ ନର୍ସରୀ ମଧ୍ୟରେ ଏକ ଔଷଧୀୟ ବୃକ୍ଷର ଚାରା ରୋପଣ କାର୍ଯ୍ୟକ୍ରମର ପ୍ରସ୍ତାବ ରହିଥିବା କମିଶନର ପ୍ରକାଶ କରିଥିଲେ । ସେ ମଧ ନିଗମର ପ୍ରତିଷ୍ଠାନ ବିଭାଗ ଦ୍ୱାରା ଆଗତ କରାଯାଇଥିବା ବିଭିନ୍ନ ପ୍ରସ୍ତାବ ଉପରେ ଆଲୋକପାତ କରିଥିଲେ । ନିଗମର ବିତ ଅଧିକାରୀଙ୍କ ଦ୍ୱାରା ୨୦୧୪-୧୫ ଆର୍ଥିକ ବର୍ଷର ନିମନ୍ତେ ପ୍ରସ୍ତୁତ କରାଯାଇ ରାଜ୍ୟ ସରକାରଙ୍କ ଅନୁମୋଦନ ନିମନ୍ତେ ପଠାଯାଇଥିବା ବଜେଟ ବୈଠକରେ ଉପସ୍ଥାପନ କରାଯାଇଥିଲା । ଏହି ବଜେଟ ସମ୍ପର୍କରେ ନିଗମର ଫାଇନାନ୍ସ ଷ୍ଟାଣ୍ଡିଙ୍ଗ କମିଟି ଏବଂ ସମସ୍ତ ଷ୍ଟାଣ୍ଡିଙ୍ଗ କମିଟିର ଅଧକ୍ଷ / ଅଧକ୍ଷା ମାନଙ୍କ ଉପସ୍ଥିତିରେ ବିସ୍ତୃତ ବିବରଣୀ ଉପସ୍ଥାପନ କରାଯାଇ, ଆବଶ୍ୟକ ହେଲେ Supplimentary Budget କାଉନସିଲର ଅନୁମୋଦନ କ୍ରମେ ରାଜ୍ୟ ସରକାରଙ୍କ ଅନୁମୋଦନ ନିମନ୍ତେ ପଠାଯିବାକୁ କମିଶନର ସୂଚନା ଦେଇଥିଲେ ।**

ସଦସ୍ୟ ଶ୍ରୀଯୁକ୍ତ ବିକାଶ ରଞ୍ଜନ ବେହେରା ନିଗମର ୨୦୧୪-୧୫ ଆର୍ଥିକ ବର୍ଷର ବଜେଟ ମଧ୍ୟରେ ନିଗମ ଅଂଚଳର ସମସ୍ତ ସରଫେସ ଡ୍ରେନ ଗୁଡ଼ିକ RCC ଡ୍ରେନ କରାଯାଇ, ଏ ଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ସ୍ଲାବ ଦ୍ୱାରା କଭର କରାଯିବାକୁ ପ୍ରସ୍ତାବ ଦେଇଥିଲେ । ସେହିପରି ଆବଶ୍ୟକ ଥିବା ବିଭିନ୍ନ ବୈଦ୍ୟୁତକ ସାମଗ୍ରୀ ଗୁଡ଼ିକ ନିମନ୍ତେ, ବାର୍ଷିକ ଖର୍ଚ୍ଚ ଅଟକଳ ସଠିକ ଭାବେ କରାଯାଇ, ଚଳିତ ବର୍ଷର ବଜେଟ ମଧ୍ୟରେ ଏଥିପାଇଁ Provision ରଖାଯିବାକୁ ପ୍ରସ୍ତାବ ମଧ ଦେଇଥିଲେ । ବୈଦ୍ୟୁତିକ ବଲ୍ବ ଗୁଡ଼ିକର ସଂଗ୍ରହଣ ସମୟରେ ସେ ଗୁଡ଼ିକର Procurement Date ଲିପିବଦ୍ଧ କରାଯିବାକୁ ମଧ ସେ ପ୍ରସ୍ତାବ ଦେଇଥିଲେ । ବିଭିନ୍ନ ୱାର୍ଡ଼ର ଆବଶ୍ୟକତା ଅନୁଯାୟୀ ମଶାତେଲ ସଂଗ୍ରହଣ ନିମନ୍ତେ Provision ସହ, ଯଥାଶିଘ୍ର ଟେଣ୍ଡର ମାଧମରେ ଏହାର ସଂଗ୍ରହଣର ବ୍ୟବସ୍ଥା କରାଯିବାକୁ ମଧ ପ୍ରସ୍ତାବ ଦେଇଥିଲେ । ବିଭିନ୍ନ ବୈଦ୍ୟୁତିକ ଆଲୋକ ଗୁଡ଼ିକର Maintenance ନିମନ୍ତେ ସ୍ୱତନ୍ତ୍ର ପାଣ୍ଠିର ବ୍ୟବସ୍ଥା ମଧ କରାଯିବାକୁ ସେ ପ୍ରସ୍ତାବ ଦେଇଥିଲେ । ନିଗମର ବିଭିନ୍ନ ବିଭାଗ ନିମନ୍ତେ ଆବଶ୍ୟକ ଥିବା Office Equipments ସଂଗ୍ରହଣ

ନିମନ୍ତେ ମଧ ବ୍ୟବସ୍ଥା କରାଯିବାକୁ ସେ ମତ ଦେଇଥିଲେ । ସେ ମଧ ରାଜ୍ୟ ସରକାରଙ୍କ ଅନୁମୋଦନ ନିମନ୍ତେ ପଠାଯାଇଥିବା ବଜେଟର ଏକ ନକଲ, ସମସ୍ତ କର୍ପୋରେଟର ମାନଙ୍କ ଅବଗତ ତଥା ମତାମତ ନିମନ୍ତେ ପ୍ରଦାନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

**ନିଗମର ପ୍ରସ୍ତାବିତ Supplimentary Budget ମଧ୍ୟରେ ଚଳିତ କାଉନସିଲର ଆଭିମୁଖ୍ୟକୁ ପ୍ରତିଫଳନ କରାଯାଇ, ସମ୍ପୃକ୍ତ ଷ୍ଟାଣ୍ଡିଙ୍ଗ କମିଟି ବୈଠକରେ ବିସ୍ତୃତ ଆଲୋଚନା ସହ, ବିଭିନ୍ନ ସେକ୍ଟରକୁ ଅଗ୍ରାଧିକାର ପ୍ରଦାନ କରାଯିବାକୁ କମିଶନର ମତ ଦେଇଥିଲେ । ଏହି Supplimentary Budget ପ୍ରସ୍ତୁତ ନିମନ୍ତେ କର୍ପୋରେଟର ମାନଙ୍କ ମୂଲ୍ୟବାନ ମତାମତ ଗୁଡ଼ିକ ପ୍ରାଧାନ୍ୟ ଦିଆଯିବାକୁ ସେ ମଧ ପ୍ରତିଶ୍ରୁତି ଦେଇଥିଲେ ।**

ସଦସ୍ୟ ଶ୍ରୀଯୁକ୍ତ ସଞ୍ଜୟ କୁମାର ବରାଳ, ଜଗତପୁର ଅଂଚଳରେ ରହିଥିବା Kalinga Bharati Residential College ର ଗୃହ ଟିକସର ପୁନଃ ଆକଳନ ନିମନ୍ତେ ତଦନ୍ତ କରାଯିବାକୁ ପ୍ରସ୍ତାବ ଦେଇଥିଲେ । କଟକ ସହର ମଧରେ ଜାଇକା ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଥିବାରୁ, ଜଗତପୁର ଅଂଚଳର ୨ ଗୋଟି ଓ୍ୱାର୍ଡ଼ ଏବଂ କଟକ ସଦର ଅଂଚଳର ୫୬, ୫୭, ୫୮ ଓ ୫୯ ଓ୍ୱାର୍ଡ଼ ଗୁଡ଼ିକର ଡ୍ରେନେଜ ସିଷ୍ଟମ ନିମନ୍ତେ ସ୍ୱତନ୍ତ୍ର ଭାବେ ଯୋଜନା ପ୍ରସ୍ତୁତ କରାଯିବାକୁ ସେ ପ୍ରସ୍ତାବ ଦେଇଥିଲେ । ଏହି ଯୋଜନା କାର୍ଯକାରୀ ନିମନ୍ତେ ସ୍ୱତନ୍ତ୍ର ଭାବେ ପାଣ୍ଠିର ବ୍ୟବସ୍ଥା କରାଯିବାକୁ ସେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

**ନିଗମର ବିଭିନ୍ନ ଅଂଚଳର ଗୃହ ଟିକସର ସଠିକ ଆକଳନ ତଥା ଏହାର ଆଦାୟ ସୁସଙ୍ଗଠିତ ଭାବେ କରାଯିବା ନିମନ୍ତେ, କେନ୍ଦ୍ର ସରକାରଙ୍କ ଅନୁମୋଦନ କ୍ରମେ Data World ସଂସ୍ଥାଙ୍କ ଦ୍ୱାରା Pilot Project of Holding Tax / Property Tax ପ୍ରକଳ୍ପ କାର୍ଯ୍ୟ ସମ୍ପର୍କରେ କମିଶନର ସୂଚନା ପ୍ରଦାନ କରିଥିଲେ । ଏହି ଯୋଜନା ଅନୁଯାୟୀ ପ୍ରଥମ ପର୍ଯ୍ୟାୟରେ ନିଗମର ସିଡ଼ିଏ ଓ ବିଡ଼ାନାସୀ (ଓ୍ୱାର୍ଡ଼ ନଂ-୧ ଓ ୭) ଅଂଚଳରେ ଉକ୍ତ ସଂସ୍ଥାଙ୍କ ଦ୍ୱାରା ନିୟୋଜିତ ସର୍ଭେ ଟିମଙ୍କ ମାଧ୍ୟମରେ "Improvement in property Tax-Widening of Tax base Computerisation of Property Tax" କାର୍ଯ୍ୟକ୍ରମ କରାଯିବାକୁ ପ୍ରସ୍ତାବ ରହିଥିବା ସେ ପ୍ରକାଶ କରିଥିଲେ । ଏହି ପ୍ରକଳ୍ପ କାର୍ଯ୍ୟର ଖର୍ଚ୍ଚକୁ କେନ୍ଦ୍ର ସରକାର ବହନ କରିବାକୁ ସ୍ଥିର କରାଯାଇଥିବା ଦୃଷ୍ଟିରୁ ନିଗମ ପକ୍ଷରୁ କୌଣସି ଖର୍ଚ୍ଚ ବହନ କରାନଯାଇ, କେବଳ ସମ୍ପୃକ୍ତ ଓ୍ୱାର୍ଡ଼ର Tax Collector ମାନେ ସମ୍ପୃକ୍ତ ସଂସ୍ଥାଙ୍କ ଦ୍ୱାରା ନିୟୋଜିତ Survey Teamକୁ କାର୍ଯ୍ୟକ୍ଷେତ୍ରରେ ସହଯୋଗ ପ୍ରଦାନ କରିବାକୁ ସ୍ଥିର କରାଯାଇଥିବା ସେ ପ୍ରକାଶ କରିଥିଲେ । ଏ ସମ୍ପର୍କରେ ବିସ୍ତୃତ ବିବରଣୀ ସମ୍ପୃକ୍ତ ଷ୍ଟାଣ୍ଡିଙ୍ଗ କମିଟି ମାଧ୍ୟମରେ ଉପସ୍ଥାପନା କରାଯାଇ କାଉନସିଲର ଅନୁମୋଦନ ନିମନ୍ତେ ସୁପାରିଶ କରାଯିବାକୁ ସେ ମଧ ସୂଚନା ଦେଇଥିଲେ ।**

**ପୂର୍ବରୁ କାର୍ଯ୍ୟକାରୀ କରାଯାଉଥିବା ସ୍ୱର୍ଣ୍ଣ ଜୟନ୍ତୀ ସହରୀ ରୋଜଗାର ଯୋଜନା ବଦଳରେ ବର୍ତ୍ତମାନ "ଜାତୀୟ ସହରାଂଚଳ ଜୀବିକା ମିଶନ" (National Urban Livelihood Mission) କାର୍ଯ୍ୟକାରୀ କରାଯାଉଥିବା କମିଶନର ସୂଚନା ଦେଇଥିଲେ । ସହରାଂଚଳ ବସ୍ତି ଗୁଡ଼ିକର ତୃଣମୂଳ ସ୍ତରରେ ଦକ୍ଷ ଏବଂ ସକ୍ରିୟ ସ୍ୱୟଂ ସହାୟକ ଗୋଷ୍ଠୀ / ସହର ସ୍ତରୀୟ ମହାସଂଘ ଗଠନ ଦ୍ୱାରା ସହରାଂଚଳ ଦାରିଦ୍ର ହ୍ରାସ ଏବଂ ବସ୍ତି ଗୁଡ଼ିକର ସଶକ୍ତିକରଣ ଏହି ଯୋଜନାର ମୂଳ ଲକ୍ଷ୍ୟ ବୋଲି ସେ ସୂଚନା ପ୍ରଦାନ କରିଥିଲେ । ଏହି ଯୋଜନାର ସଫଳ ରୂପାୟନ ନିମନ୍ତେ ରାଜ୍ୟ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଲକ୍ଷ୍ୟ ଅନୁଯାୟୀ ହିତାଧିକାରୀ ମାନଙ୍କର ଆତ୍ମ ନିଯୁକ୍ତି, ଆତ୍ମ ନିଯୁକ୍ତି, ଭିତିକ ତାଲିବ ଏବଂ ସ୍ୱୟଂ ସହାୟକ ଦଳ ଗଠନ ଇତ୍ୟାଦି ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥାଏ । ଏ ସମ୍ପର୍କରେ ସମ୍ପୃକ୍ତ ଷ୍ଟାଣ୍ଡିଙ୍ଗ କମିଟି ମାଧ୍ୟମରେ ସବିଶେଷ ତଥ୍ୟ ଉପସ୍ଥାପନା କରାଯାଇ, ସଦସ୍ୟ / ସଦସ୍ୟା ମାନଙ୍କ ଅବଗତି ନିମନ୍ତେ ପ୍ରେରଣ କରାଯିବାକୁ ସେ ମଧ ସୂଚନା ପ୍ରଦାନ କରିଥିଲେ ।**

ହରିଶ୍ଚନ୍ଦ୍ର ଯୋଜନାରେ ହିତାଧିକାରୀ ମାନଙ୍କ ନିମନ୍ତେ ଆବଶ୍ୟକୀୟ ପାଣ୍ଠି ରାଜ୍ୟ ସରକାରଙ୍କ ଠାରୁ ପ୍ରାପ୍ତ ହେଉନଥିବାରୁ, ନିଗମ ପାଣ୍ଠି ମଧରୁ ଏହି ଖର୍ଚ୍ଚକୁ ଭରଣା କରାଯିବା ନିମନ୍ତେ ସଦସ୍ୟା ଶ୍ରୀଯୁକ୍ତ ପ୍ରଜ୍ଞା ବେଉରା ପ୍ରସ୍ତାବ ଦେଇଥିଲେ ।

**ଏହା ଏକ ରାଜ୍ୟ ସରକାରଙ୍କ ଯୋଜନା ହୋଇଥିବାରୁ, ଜିଲ୍ଲାପାଳଙ୍କ ସହ ଆଲୋଚନା କରାଯାଇ, ଏହି ଯୋଜନାର ସଫଳ କାର୍ଯ୍ୟକାରୀ ନିମନ୍ତେ ଅତିରିକ୍ତ ପାଣ୍ଠିର ବ୍ୟବସ୍ଥା କରାଯିବାକୁ କମିଶନର ପ୍ରତିଶ୍ରୁତି ଦେଇଥିଲେ ।**

ସଦସ୍ୟା ଶ୍ରୀଯୁକ୍ତ ଏ. ଶ୍ରୀଦେବୀ କହିଥିଲେ ଓ୍ୱାର୍ଡ଼ର କେତେକ ରାସ୍ତା ନିର୍ମାଣ କାର୍ଯ୍ୟ, ନାଳ ଉପରେ ସ୍ଲାବ ସ୍ଥାପନ, ଉର୍ଦ୍ଧ୍ୱ ଲାଇବ୍ରେରୀର ଆବଶ୍ୟକୀୟ ମରାମତି କାର୍ଯ୍ୟ, ଓ୍ୱାର୍ଡ଼ ମଧରେ ରହିଥିବା କଳିଙ୍ଗ ତେଲୁଗୁ ସ୍କୁଲର ଆବଶ୍ୟକୀୟ ମରାମତି କାର୍ଯ୍ୟ, ଓ୍ୱାର୍ଡ଼ର କେତେକ ସ୍ଥାନରେ ବୁଶ କଟିଂଗ ଏବଂ ଆବଶ୍ୟକ ସଂଖ୍ୟକ ଡ଼ଷ୍ଟବିନ ଯୋଗାଇ ଦେବା ନିମନ୍ତେ ଲିଖିତ ଭାବେ ପ୍ରସ୍ତାବ ମାନ ପ୍ରଦାନ କରାଯାଇଥିବାରୁ, ଏ ଦିଗରେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରି ଯଥାଶିଘ୍ର କାର୍ଯ୍ୟାନୁଷ୍ଠାନ ନିମନ୍ତେ ନିବେଦନ କରିଥିଲେ ।

ସମସ୍ତ କର୍ପୋରେଟରମାନେ ସେମାନଙ୍କର ୱାର୍ଡ଼ର ବିଭିନ୍ନ ସମସ୍ୟା ଗୁଡ଼ିକ ଉପସ୍ଥାପନା କରିବାକୁ ସମୟସୀମା ଧାର୍ଯ୍ୟ କରାଯାଇ, ସମସ୍ତଙ୍କୁ ଏଥିପାଇଁ ସୁଯୋଗ ପ୍ରଦାନ କରାଯିବାକୁ ସଦସ୍ୟ ଶ୍ରୀଯୁକ୍ତ ରମଜାନ ଖାନ ନିବେଦନ କରିଥିଲେ ।

ସଦସ୍ୟ ଶ୍ରୀଯୁକ୍ତ ହୃଷିକେଶ ପ୍ରଧାନ, ପ୍ରତ୍ୟେକ ୱାର୍ଡ଼ର ଡ୍ରେନ ସଫାଇ କାର୍ଯ୍ୟ ନିମନ୍ତେ ଅତିରିକ୍ତ କୂଲୀର ବ୍ୟବସ୍ଥା, ଅତିରିକ୍ତ ସ୍ଲାବ ଯୋଗାଇ ଦେବା ତଥା ଡ଼ଷ୍ଟବିନର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ । ବିଭିନ୍ନ ଡ୍ରେନର ମରାମତି କାର୍ଯ୍ୟ ନିମନ୍ତେ ସମ୍ପୃକ୍ତ କର୍ପୋରେଟର ମାନେ ଲିଖିତ ଭାବେ ପ୍ରସ୍ତାବ ପ୍ରଦାନ କଲେ, ନିଗମର ଆର୍ଥିକ ସ୍ଥିତିକୁ ଦୃଷ୍ଟିରେ ରଖାଯାଇ ପ୍ରସ୍ତାବ ଗୁଡ଼ିକର କାର୍ଯ୍ୟକାରୀ ଦିଗରେ ପଦକ୍ଷେପ ଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ । ସେ ମଧ୍ୟ ଅନ୍ୟାନ୍ୟ ଲାଇନ୍ ବିଭାଗର ଅଧିକାରୀ ମାନଙ୍କ ସହ Meeting ର ଆୟୋଜନ କରିବାକୁ ପ୍ରସ୍ତାବ ଦେଇଥିଲେ । ନିଗମର ବିଭିନ୍ନ ବାଇ ଲ ଗୁଡ଼କିର ଅନୁମୋଦନ ନିମନ୍ତେ ରାଜ୍ୟ ସରକାରଙ୍କ ନିକଟକୁ ପଠାଯାଇଥିବା ପ୍ରସ୍ତାବକୁ ଅନୁଧାନ କରାଯାଇ, ଯଥାଶିଘ୍ର ପ୍ରସ୍ତାବ ଗୁଡ଼ିକ ତ୍ୱରାନ୍ୱିତ କରାଯିବାକୁ ସେ ମତ ଦେଇଥିଲେ । ସେ ମଧ ତୃଣମୂଳ ସ୍ତରର କର୍ମଚାରୀ ମାନଙ୍କର ସମସ୍ୟା ଗୁଡ଼ିକର ଅନୁଧାନ ତଥା କାର୍ଯ୍ୟ କ୍ଷେତ୍ରରେ ସୃଷ୍ଟି ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହେବା ନିମନ୍ତେ ପ୍ରତ୍ୟେକ ମାସରେ ସ୍ୱତନ୍ତ୍ର ଭାବେ ସମିକ୍ଷା ବୈଠକ କରାଯିବାକୁ ମାନ୍ୟବର ମେୟରଙ୍କ ଦୃଷ୍ଟି ଆକର୍ଷଣ କରି, ପ୍ରତ୍ୟେକ ମାସରେ ଅତ୍ୟନ୍ତ ପକ୍ଷେ ଦୁଇଥର କାଉନସିଲ ବୈଠକ ଡ଼କାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।

ସଦସ୍ୟ ଶ୍ରୀଯୁକ୍ତ ପ୍ରଦୀପ କୁମାର ସାମନ୍ତରାୟ ନିଗମ ଦ୍ୱାରା ନିର୍ମାଣ କରାଯାଇଥିବା ବିନୋଦ ବିହାରୀ ମାର୍କେଟ କମ୍ପ୍ଲେକ୍ସ ମଧ୍ୟରୁ ନିଗମର କୌଣସି ଭଡ଼ା ଆଦାୟ ହେଉନଥିବାର ଅଭିଯୋଗ କରି, ରାଣୀହାଟ ସିନେମା ହଲ ନିକଟରେ ଥିବା ତଥା କଲେଜ ଛକ ମାର୍କେଟ କମ୍ପ୍ଲେକ୍ସ ଓ ପିଲିଗ୍ରୀମ ରୋଡ଼ରେ ରହିଥିବା ଦୋକାନ ଗୃହ ଗୁଡ଼ିକର ଘରଭଡ଼ା ଆଦାୟ କରାଯିବାକୁ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

**ଏ ଦିଗରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କ ଦ୍ୱାରା ଯଥାଶିଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ କମିଶନର ନିର୍ଦ୍ଦେଶ ଦେଇଥିଲେ ।**

ସଦସ୍ୟ ଶ୍ରୀଯୁକ୍ତ ଚିରଞ୍ଜୟ ସାହୁ ବିଭିନ୍ନ ମାର୍କେଟ କମ୍ପ୍ଲେକ୍ସ ମଧ୍ୟରେ ଜଣେ ଜଣେ ଲୋକ ଅନେକ ଦୋକାନ ଗୃହ ଗୁଡ଼ିକୁ ଅଧିକୃତ କରିଥିବାରୁ, ଏହାର ଅନୁଧାନ କରାଯାଇ, ଲାଇସେନ୍ସ ଷ୍ଟାଣ୍ଡିଙ୍ଗ କମିଟି ଦ୍ୱାରା ଏ ଦିଗରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ । ସେ ମଧ ବିଭିନ୍ନ ମାର୍କେଟ କମ୍ପ୍ଲେକ୍ସ ମଧ୍ୟରେ ପ୍ରକୃତ ହିତାଧିକାରୀ ମାନଙ୍କୁ ଚିହ୍ନଟ କରାଯାଇ, ବେଆଇନ ଭାବେ ଅଧିକୃତ କରିଥିବା ଦେକାନ ଗୃହ ଗୁଡ଼ିକ ବେଦଖଲ କରାଯିବାକୁ ପ୍ରସ୍ତାବ ଦେଇଥିଲେ ଏବଂ ଏ ସମ୍ପର୍କରେ ନିଗମର ଲାଇସେନ୍ସ ଆଣ୍ଡ ଅପିଲ ଷ୍ଟାଣ୍ଡିଙ୍ଗ କମିଟି ବୈଠକରେ ବିସ୍ତୃତ ଆଲୋଚନା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

ବର୍ତମାନ ସୁଦ୍ଧା ବିଭିନ୍ନ ମାର୍କେଟ କମ୍ପ୍ଲେକ୍ସ ଉପରେ ପ୍ରାୟ ୯୨ ଲକ୍ଷ ଟଙ୍କାର ଭଡ଼ା ବକେୟା ପଡ଼ିଥିବାରୁ, ଏ ସମ୍ପର୍କରେ ଆଇନଗତ ପରାମର୍ଶ ଅଣାଯାଇ ଏବଂ ଲାଇସେନ୍ସ ଷ୍ଟାଣ୍ଡିଙ୍ଗ କମିଟିରେ ବିସ୍ତୃତ ଆଲୋଚନା କରାଯାଇ, ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଲାଇସେନ୍ସ ଷ୍ଟାଣ୍ଡିଙ୍ଗ କମିଟିର ଅଧକ୍ଷ ଶ୍ରୀଯୁକ୍ତ ବିକାଶ ରଞ୍ଜନ ବେହେରା ମତ ଦେଇଥିଲେ । ବର୍ଷାଦିନରେ ନିଗମର ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ ଆସନ୍ତା ତିନି ମାସ ପାଇଁ କାର୍ଯ୍ୟକ୍ଷମ କରାଯିବା, ବିଭିନ୍ନ ତଳିଆ ଅଂଚଳରେ ପମ୍ପସେଟ ଗୁଡ଼ିକ ସ୍ଥାପନ, ଏଥିପାଇଁ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଏବଂ ୱାର୍କ ସରକାର ମାନଙ୍କୁ ନିଛିଷ୍ଟ ଭାବେ ଦାୟୀତ୍ୱ ବଣ୍ଟନ କରାଯିବାକୁ ସେ ମଧ ପରାମର୍ଶ ଦେଇଥିଲେ । ପୂର୍ବ ବର୍ଷ ଭଳି ଅନ୍ୟାନ୍ୟ ସଂସ୍ଥା ମାନଙ୍କ ଠାରୁ ଉଚ୍ଚଶକ୍ତି ସମ୍ପନ୍ନ ପମ୍ପସେଟ ଗୁଡ଼ିକ ସଂଗ୍ରହଣ କରାଯାଇ ମହଜୁଦ ରଖାଯିବାକୁ ମଧ ପ୍ରସ୍ତାବ ଦେଇଥିଲେ । ସେ ମଧ ଜାଇକା କର୍ତୃପକ୍ଷଙ୍କ ଠାରୁ Project Report ର ଏକ ନକଲ ଅଣାଯାଇ, ସମ୍ପୃକ୍ତ ୱାର୍ଡ଼ ମଧ୍ୟରେ କରାଯାଉଥିବା କାର୍ଯ୍ୟ ସମ୍ପର୍କରେ ସମ୍ପୃକ୍ତ କର୍ପୋରେଟର ମାନଙ୍କୁ ଅବଗତ କରାଯିବାକୁ ପ୍ରସ୍ତାବ ଦେଇଥିଲେ । ସମ୍ପୃକ୍ତ କର୍ପୋରେଟର ମାନଙ୍କ ସହ ସମନ୍ୱୟ ରକ୍ଷା କରାଯାଇ କାର୍ଯ୍ୟ କରିବାକୁ ଜାଇକା କର୍ତୃପକ୍ଷଙ୍କ ସହ ଆଲୋଚନା କରାଯିବାକୁ ମଧ ସେ ପ୍ରସ୍ତାବ ଦେଇଥିଲେ । ନିଗମର ବିଭିନ୍ନ ଅଧିକାରୀ ସ୍ତରୀୟ ପଦବୀ ଗୁଡ଼ିକ ପୂରଣ ନିମନ୍ତେ ଯଥାଶିଘ୍ର ରାଜ୍ୟ ସରକାରଙ୍କ ନିକଟକୁ ପ୍ରସ୍ତାବ ପଠାଯିବା ସହ, ତଳସ୍ତରର ବିଭିନ୍ନ ପଦବୀ ଗୁଡ଼ିକ ପୁରଣ ନିମନ୍ତେ କାର୍ଯ୍ୟାନୁଷ୍ଠାନ ଗ୍ରହଣ

କରାଯିବାକୁ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ନିଗମର ବିଭିନ୍ନ ଅଂଚଳରେ ରିଲାଏନ୍ସ କମ୍ପାନି ଦ୍ୱାରା କେବୁଲ ବିଛାଯିବା ନିମନ୍ତେ ନୂତନ ରାସ୍ତାକୁ ଖୋଳାଯାଇ ନଷ୍ଟ କରାଯାଉଥିବାରୁ, ଏ ଦିଗରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ମଧ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଉକ୍ତ କମ୍ପାନିର ଏହି କାର୍ଯ୍ୟରେ ଅଂକୁଶ ଲଗାଯିବା ସହିତ ସମ୍ପୃକ୍ତ କମ୍ପାନିଠାରୁ କରାଯାଉଥିବା କାର୍ଯ୍ୟ ସମ୍ପର୍କରେ ରିପୋର୍ଟ ମଗାଯିବାକୁ ମଧ ପ୍ରସ୍ତାବ ଦେଇଥିଲେ । ନିଗମ ନିମନ୍ତେ ବିଭିନ୍ନ ଚିଠା ବାଇ ଲ' ପ୍ରସ୍ତୁତ କରାଯିବାକୁ ନିୟୋଜିତ ସଂସ୍ଥାଙ୍କ ସହ ଯୋଗାଯୋଗ ଏବଂ ସରକାରୀ ସ୍ତରରେ ଏ ଗୁଡ଼ିକର ଅନୁମୋଦନ ନିମନ୍ତେ ତ୍ୱରାନ୍ୱିତ କରାଯିବାକୁ ମଧ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

**ନିଗମର ବିଭିନ୍ନ ବାଇ'ଲ ସମ୍ପର୍କରେ ସ୍ପଷ୍ଟିକରଣ ପ୍ରଦାନ କରି କମିଶନର କହିଥିଲେ ନିୟୋଜିତ ସଂସ୍ଥାଙ୍କ ଦ୍ୱାରା ୨୩ ଗୋଟି ବିଭିନ୍ନ ଚିଠା ବାଇ ଲ ପ୍ରସ୍ତୁତ କରାଯିବାକୁ ସ୍ଥିର କରାଯାଇଥିଲା । ୧୨ ଗୋଟି ବିଭିନ୍ନ ବାଇ'ଲ ଗୁଡ଼ିକ ସମ୍ପୃକ୍ତ ଷ୍ଟାଣ୍ଡିଙ୍ଗ କମିଟି ତଥା କାଉନସିଲର ଅନୁମୋଦନ କ୍ରମେ ରାଜ୍ୟ ସରକାରଙ୍କ ଅନୁମୋଦନ ନିମନ୍ତେ ପଠାଯାଇଥିଲା । ବର୍ତ୍ତମାନ ସୁଦ୍ଧା ୫ ଗୋଟି ବିଭିନ୍ନ ବାଇ'ଲ ସରକାରଙ୍କ ଅନୁମୋଦନ ପ୍ରାପ୍ତ କରିଛି ଏବଂ ୭ଟି ବାଇ'ଲରେ କିଛି Modification କରାଯିବାକୁ ସରକାର ପ୍ରସ୍ତାବ ଦେଇଥିବାରୁ, ସମ୍ପୃକ୍ତ ସଂସ୍ଥାଙ୍କ ଦ୍ୱାରା ଏହାର ଚିଠା Modification ପ୍ରସ୍ତୁତ କରାଯାଇ, ସମ୍ପୃକ୍ତ ଷ୍ଟାଣ୍ଡିଙ୍ଗ କମିଟି ମାଧମରେ ଉପସ୍ଥାପନ କରାଯିବାକୁ, ସମ୍ପୃକ୍ତ ନିୟୋଜିତ ସଂସ୍ଥାଙ୍କ ସହ ଆଲୋଚନା କରାଯାଇଥିବା କମିଶନର ସୂଚନା ଦେଇଥିଲେ । ଅନ୍ୟାନ୍ୟ ଅବଶିଷ୍ଟ ଚିଠା ବାଇ'ଲ ଗୁଡ଼ିକ ପ୍ରଥମେ ସମ୍ପୃକ୍ତ ଅଧିକାରୀ ସ୍ତରୀୟ ବୈଠକରେ ଆଲୋଚନା କରାଯାଇ ସମ୍ପୃକ୍ତ ଷ୍ଟାଣ୍ଡିଙ୍ଗ କମିଟିରେ ଉପସ୍ଥାପନା କରାଯିବାକୁ ସେ ନିର୍ଦ୍ଦେଶ ଦେଇଥିବାର ସୂଚନା ଦେଇଥିଲେ ।**

ସଦସ୍ୟ ଶ୍ରୀଯୁକ୍ତ ଜୟଦେବ ଜେନା ଆଲୋଚନାରେ ଅଂଶ ଗ୍ରହଣ କରି ପ୍ରତ୍ୟେକ କର୍ପୋରେଟର ମାନଙ୍କୁ ସମ୍ପୃକ୍ତ ଓ୍ୱାର୍ଡ଼ର ମ୍ୟାପ ଯଥାଶିଘ୍ର ପ୍ରଦାନ କରାଯିବାକୁ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସେ ମଧ ସମସ୍ତ କର୍ପୋରେଟର ମାନଙ୍କୁ Odisha Municiapl Corporation Manual ର ଏକ କପି ପ୍ରଦାନ ନିମନ୍ତେ ଅନୁରୋଧ କରିଥିଲେ । ନିଗମର ସମସ୍ତ ବାଇ'ଲ ଗୁଡ଼ିକ ପ୍ରସ୍ତୁତ ଦିଗରେ ଗୁରୁତ୍ୱ ପ୍ରଦାନ କରାଯାଇ ଯଥାଶିଘ୍ର ଏ ଗୁଡ଼ିକ କାର୍ଯ୍ୟାନ୍ୱୟନ ସହ ନିଗମର ନିଜସ୍ୱ ଆୟ ବୃଦ୍ଧି ଦିଗରେ ଗୁରୁତ୍ୱ ପ୍ରଦାନ କରାଯିବାକୁ ମତ ଦେଇଥିଲେ । ମଲାଚଣ୍ଡିଆ ଛକ ଠାରେ ଗତ ବର୍ଷ ଅଗଷ୍ଟ ୯ ତାରିଖରେ ଉନ୍ମୋଚନ କରାଯାଇଥିବା ସ୍ୱର୍ଗତ ବିନୋଦ କାନୁନ୍‌ଗୋଙ୍କର ପ୍ରତିମୂର୍ତିଟି ସେଠାରୁ ଚୋରି ହୋଇଯାଇଥିବାରୁ, ଯଥାଶିଘ୍ର ଏହି ପ୍ରତିମୂର୍ତିର ପୁନଃ ସ୍ଥାପନର ବ୍ୟବସ୍ଥା କରାଯିବାକୁ ମଧ ପ୍ରସ୍ତାବ ଦେଇଥିଲେ । ନିଗମର ବିଜୁ ଭବନ ପରିସର ମଧରେ ଏକ ପାର୍କିଙ୍ଗ ଷ୍ଟାଣ୍ଡ ଏବଂ ବିକାଶ ଭବନ ପରିସର ମଧରେ ଏକ ପରିଶ୍ରାଗାର ନିର୍ମାଣ କରାଯିବାକୁ ମଧ ପ୍ରସ୍ତାବ ଦେଇଥିଲେ । ନିଗମର ବିଭିନ୍ନ ଅଂଚଳର ପାଇଖାନା ଟାଙ୍କି ସଫା କରାଯିବା ନିମନ୍ତେ ଏକ ଛୋଟ ସ୍ଲଜ ପମ୍ପ ସହିତ ଅତିରିକ୍ତ ବଡ଼ ସ୍ଲଜ ପମ୍ପ ସଂଗ୍ରହଣ କରାଯିବାକୁ ମଧ ପ୍ରସ୍ତାବ ଦେଇଥିଲେ । ସେ ମଧ ନିଗମ ଅଂଚଳରେ ବିଭିନ୍ନ ସ୍ଥାନରେ ରହିଥିବା ଶ୍ମସାନ ଗୁଡ଼ିକର ଉନ୍ନତିକରଣ କାର୍ଯ୍ୟ କରାଯିବାକୁ ପ୍ରସ୍ତାବ ଦେଇ ସତୀଚୌରା ଓ କାଳିଆବୋଦା ଶ୍ମସାନ କାର୍ଯ୍ୟକୁ ଅଗ୍ରାଧିକାର ପ୍ରଦାନ ସହ ସେଠାରେ ନିଗମ ତରଫରୁ ବୈଦ୍ୟୁତିକ ଚୁଲାର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

ସଦସ୍ୟା ଶ୍ରୀଯୁକ୍ତ ପ୍ରଜ୍ଞା ବେଉରା ନିଗମ ଅଧିନରେ ରହିଥିବା ଶ୍ମସାନ ଗୁଡ଼ିକରେ ଜଗୁଆଳୀର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

ସଦସ୍ୟ ଶ୍ରୀଯୁକ୍ତ ହୃଷିକେଶ ପ୍ରଧାନ, ସମ୍ପୃକ୍ତ ସଦସ୍ୟ / ସଦସ୍ୟା ମାନେ ସେମାନଙ୍କର ଅଂଚଳର ସମସ୍ୟା ତଥା ବିଭାଗୀୟ କାର୍ଯ୍ୟ ଗୁଡ଼ିକ ନିମନ୍ତେ ପ୍ରସ୍ତାବ ଗୁଡ଼ିକ, ସମ୍ପୃକ୍ତ ଷ୍ଟାଣ୍ଡିଙ୍ଗ କମିଟି ମାଧମରେ ଉପସ୍ଥାପନା କରାଯିବାକୁ ପ୍ରସ୍ତାବ ଦେଇଥିଲେ । ସେ ମଧ ଅତ୍ୟନ୍ତ ପକ୍ଷେ ମାସକୁ ଦୁଇଥର କାଉନସିଲ ବୈଠକ କରାଯିବାକୁ ପ୍ରସ୍ତାବ ଦେଇଥିଲେ । ନିଗମର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ସେମାନଙ୍କର ଦାୟୀତ୍ୱ ସମ୍ପର୍କରେ ସଚେତନ ହୋଇ, ପ୍ରତ୍ୟେକ କ୍ଷେତ୍ରରେ କର୍ପୋରେଟର ମାନଙ୍କୁ ସହଯୋଗ ପ୍ରଦାନ କରିବାକୁ ମଧ ଅନୁରୋଧ କରିଥିଲେ ।

ସଦସ୍ୟା ଶ୍ରୀଯୁକ୍ତା ନମିତା ମଞ୍ଜରୀ ସାହୁ ନିଗମର ବିଭିନ୍ନ ଅଂଚଳରେ ଲୋକମାନେ ଗୃହ ନିର୍ମାଣ ନିମନ୍ତେ ବାଲି ଓ ଗୋଡ଼ି ରାସ୍ତା ଉପରେ ଜମା କରୁଥିବାରୁ, ଏବଂ ଅଧିକାଂଶ ସମୟରେ ସେ ଗୁଡ଼ିକ ପାର୍ଶ୍ୱ ନାଳ ମଧରେ ପ୍ରବେଶ କରି ଜଳ ନିଷ୍କାସନରେ ବାଧା

ସୃଷ୍ଟି କରୁଥିବାରୁ ଏହାର ନିରାକରଣ ନିମନ୍ତେ ଉପଯୁକ୍ତ କାର୍ଯ୍ୟପନ୍ଥା ସ୍ଥିର କରାଯିବାକୁ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିବା ସହ, ବିଭିନ୍ନ ଦୋକାନ ହୋଟେଲ ତଥା ଜଳଖିଆ ଦୋକାନ ଗୁଡ଼ିକରେ ବାଧତା ମୂଳକ ଭାବେ ଡ଼ଷ୍ଟବିନର ବ୍ୟବସ୍ଥା କରାଯିବା ନିମନ୍ତେ ଏକ ନୋଟିସ ଜାରି କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

**ନିର୍ଦ୍ଧାରଣ-୪ :** ନିଗମର ଯନ୍ତ୍ରୀ ବିଭାଗ ଦ୍ୱାରା ଆଗତ କରାଯାଇଥିବା ନିମ୍ନଲିଖିତ ପ୍ରସ୍ତାବ ଗୁଡ଼ିକ ବିସ୍ତୃତ ଆଲୋଚନା ପରେ ଅନୁମୋଦନ କରାଗଲା ।

1. Procurement of electrical materials / spare parts for maintenance of street lights in CMC areas immediately on short tender basis. The estimated amount of Rs. 9,66,700/- for 3 months requirement is approved.

   But due to urgent requirement of electrical materials and spare parts, immediate steps be taken to procure the materials required for three months at old approved rate & negotiated rate from the lowest bidders as per Tender Call Notice No-7517(PW) dt. 03.06.2013 on repeat supply orders.

   Annual requirement of electrical materials for the year 2014-15 may be procured through tender process.

2. Approval has been accorded for supply of drinking water through Tankers to the inhabitant of Munda Sahi Basti, Chakradharapur Dumping Yard from 21.04.2014 to 30.06.2014 at an estimated cost of Rs. 1,24,600.00 in order to prevent water borne diseases and health hygienic situation.

3. Approval has been accorded for sprinkling of water over WBM Road from Godi Sahi Chhaka to Chakradharpur Dumping Yard from 21.04.2014 to 15.06.20014 at an estimated cost of Rs. 2,99,900.00 in response to the public agitation at Godisahi & in order to prevent dust pollution due to plying of Garbage Transporation vehicles.

4. Approval has been accorded for annual repair and maintenance of Diesel Pump sets of Cuttack Municipal Corporation for the coming rainy season-2014 on tender basis. The post facto approval has also been made for awarding the work to the L1 bidder at Rs. 5,87,413/- being the 7.5% less than the estimated cost quoted by the bidder.

5. Approval has been accorded for Engagement & deployment of 35 nos of Diesel Pump Operators (Skilled) for the ensuing rainy season-2014 through the existing service provider with valid agreement.

6. Approval of the Council has been accorded to the proposal for the following works to be taken up in order to comply the orders of the Hon'ble High Court in OJC No-6721/1999 on 07.04.2014

   (i) Protection & development of patch of the following patch of land at an estimated amount of Rs. 3,45,250.00
      (a) Backside of Nrusinghanath Temple at Dagarpara.
      (b) At Sarathi Satsang to Mausima Temple, Chandinichowk.
      (c) Near Kabadia Shop at Ring Road
      (d) Near Kabadia shop at Agarwal res.
      (e) At Police Kalyan Mandap Gada

   (ii) Protection & development of following patch of land at an estimated amount of Rs. 6,06,600.00
      (a) From Sunshine Field to Ganesh Ghat (Sai Temple demolished site)
      (b) At Dagarpara adjoining to Hanuman Temple under jurisdiction of Cuttack Municipal Corporation.

(iii) Providing fencing for protection of Govt. Land near Hanuman Temple Gada, Dagarpara adjacent to Ring Road in Ward No-11 (New) at an estimated amount of Rs. 95,300.00

7. Approval has been accorded to provide a permanent (flexible) barrier for segregation between male & female deer in CMC Deer Park to comply the observation made by DFO, City Forest Division as per the advice of PCCF, Wild Life, as a part of population Control measure within the restricted enclosed area at an estimated cost of Rs. 2,99,100.00

8. Approval has been accorded for reconstruction of drain with service road from High Court Square (from LIC Office) to Kaligali in order to prevent the water logging near High Court area & re-encroachments as per orders of Hon;ble High Court, observing all formalities as per OPWD Code at an estimated amount of Rs. 17,60,600

9. Approval has been accorded to the proposal for construction of 20 nos of Kennels inside the Veterinary Hospital near Buxi Bazar, under Animal Birth Control programme at an estimated cost of Rs.10,24,100.00

10. Approval has been accorded to the proposal of Desilting-2014 of 63 nos of drains (including 2nos of MSWC, 6nos of BSWC and 55 nos of Major Surface drains out of which 43 nos of drains including MSWC-II through Tender Process. Approval has also been accorded for desilting works of 20 nos of drains including MSWC-I departmentally since tender floated for two to five times were non responsive.

11. Post facto approval has been accorded for the ACTION PLAN of 13$^{th}$ Finance Commission recommended General Area Basis Grant for the year 2013-14 as follows : for the amount sanctioned by Govt. as noted below.

| | | |
|---|---|---|
| By GO No. 23166/HUD, dt. 20.07.2013 | - | Rs. 415.42 Lakhs |
| By GO No. 5110/HUD, dt. 25.02.2014 | - | Rs. 406.17 Lakhs |
| **TOTAL** | **-** | **Rs. 821.59 Lakhs** |

| | | |
|---|---|---|
| (a) | **Water Supply :** Installation of Tubewell, procurement of spare parts & sinking of Tubewell, PH Works of Non residential building in CMC area. | Rs. 59.49 lakhs |
| (b) | **Solid Waste Management :** Sweeping, Cleaning & Collection of Solid Waste, Debris and transportation there of to Dumping Yard and out sourcing of Men power for Solid Waste Management and procurement of sanitation materials. | Rs. 644.60 Lakhs |
| (c) | **Construction Renovation of Road & Bridges :** Road & Bridges which were included in the previous year 13$^{th}$ Finance Commission Action Plan i.e. from 2010-11 to 2012-13 but payment were not made due to non availability of Fund are to be booked | Rs. 117.50 Lakhs |
| | **TOTAL** | **Rs. 821.59 Lakhs** |

12. Post facto approval has been accorded for repairing of Cremation Furnance at Khannagar on tender process at an estimated cost of Rs. 4,22,000.00.

13. Approval has been accorded for Construction of CC road at Kanjiahuda Lane near Dr. Gopal Kar res in Ward No-21, immediateluy on short tender basis at the estimated amount of Rs. 4,24,000.00.

14. ନିଗମ ଅଂଚଳର ରାସ୍ତା ଆଲୋକ ଗୁଡ଼ିକର ଶକ୍ତି ସଂଚୟ ଯୋଜନା ମାଧ୍ୟମରେ, ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା "Energy Efficient Public Street Light Project in Urban Local Bodies" ଯୋଜନାକୁ କଟକ ମହାନଗର ନିଗମ ଅଂଚଳରେ କାର୍ଯ୍ୟକାରୀ କରାଯିବା ନିମନ୍ତେ ନିଗମର ଯନ୍ତ୍ରୀ ବିଭାଗ ଦ୍ୱାରା ଆଗତ କରାଯାଇଥିବା ପ୍ରସ୍ତାବ ସମ୍ପର୍କରେ କମିଶନର ସୂଚନା ପ୍ରଦାନ କରିଥିଲେ । ସେ କହିଥିଲେ ନିଗମ ଅଂଚଳରେ ଏହି ଯୋଜନାର ସଫଳ କାର୍ଯ୍ୟକାରୀ ନିମନ୍ତେ International Finance Corporation ସମସ୍ତ ପ୍ରକାର Transaction Advisory Support ପ୍ରଦାନ କରିବାକୁ ସ୍ଥିର କରିଛି ଏବଂ ବର୍ତ୍ତମାନ ଭୁବନେଶ୍ୱରଠାରେ ଏହି ପ୍ରକଳ୍ପ କାର୍ଯ୍ୟ ସଫଳ ଭାବେ କାର୍ଯ୍ୟକାରୀ ହେଉଛି । ଏହି ନୂତନ ପ୍ରକଳ୍ପ କାର୍ଯ୍ୟକୁ ମଧ୍ୟ ରାଜ୍ୟ ସରକାରଙ୍କ Empowered Committee on Infrastructure (ECI) ଅନୁମୋଦନ ପ୍ରଦାନ କରିଛନ୍ତି । କାଉନସିଲର ଅନୁମୋଦନ କ୍ରମେ ଏହି ପ୍ରସ୍ତାବକୁ କଟକ ମହାନଗର ନିଗମ ଅଂଚଳରେ କାର୍ଯ୍ୟକାରୀ କରିବା ନିମନ୍ତେ ପ୍ରାଥମିକ  ପର୍ଯ୍ୟାୟରେ  ଏ ଦିଗରେ ସର୍ଭେ କାର୍ଯ୍ୟ କରାଯାଇ ଏହି ଯୋଜନାରେ ନୂତନ ଲାଇଟ ସ୍ଥାପନ ନିମନ୍ତେ ସ୍ଥାନ ନିରୁପଣ କରାଯିବାକୁ  ସେ ମଧ୍ୟ ସୂଚନା ଦେଇଥିଲେ ।

    ଏ ଦିଗରେ ବିସ୍ତୃତ ଆଲୋଚନା ପରେ, **"Energy Efficient Public Street Lighting Project"** ଯୋଜନାକୁ  ସଦସ୍ୟ / ସଦସ୍ୟା ମାନେ ସାଗତ  କରିଥିଲେ ଏବଂ ଏହି ଯୋଜନାକୁ କଟକ ମହାନଗର ନିଗମ ଅଂଚଳରେ କାର୍ଯ୍ୟକାରୀ କରାଯିବାକୁ ସର୍ବ ସମ୍ମତି କ୍ରମେ ନିଷ୍ପତି ଗ୍ରହଣ କରାଯାଇଥିଲା।

15. Post facto approval has been accorded for the ACTION PLAN prepared by the Engineering Section  for Road Development Grant for the year-2013-14 for a total amount of Rs. 351.06 Lakhs (315.96 Lakhs received vide G.O. No-3559/HUD, dt. 11.02.2014 and matching contribution of CMC - 35.10 lakhs).

16. Post facto approval has been accorded for the Action Plan prepared by the Engineering Section for utilization of funds received under Local Festival for year 2013-14 amounting to Rs. 2.00 Lakhs received vide G.O. No-2460/HUD, dt. 31.01.2014.

17. Post facto approval has been accorded for the Action Plan prepared by the Engineering Section for utilization of funds received under performance based incentive for maintenance of street light for the year-2012-13 amounting to Rs. 12.84 Lakhs.

18. Post facto approval has been accorded for the Action Plan prepared by the Engineering Section for utilization of funds received under Public Toilets for the year-2013-14 for the amount of Rs. 12.79 Lakhs sanctioned by Govt. vide G.O. No-5355/HUD, dt. 25.02.2014.

19. Post facto approval has been accorded for the Action Plan prepared by the Engineering Section for utilization of funds received under Development of parks and Greenery for the year-2013-14 for the amount of Rs. 15.00 Lakhs sanctioned by the Govt. vide G.O No-2797/HUD, dt. 31.01.2014, 2557/HUD, dt. 31.01.2014, 2554/HUD, dt. 31.01.2014.

20. Post facto approval has been accorded for the Action Plan prepared by the Engineering Section for utilization of funds received under Motor Vehicle tax for the year-2013-14 for the amount of Rs. 275.69 Lakhs sanctioned by Govt. vide G.O. No-2512/HUD, dt. 31.01.2014.

21. Post facto approval has been accorded for the Action Plan prepared by the Engineering Section for utilization of funds received under Devolution of Funds for the year-2013-14 for the amount of Rs. 227.51 Lakhs sanctioned by Govt. vide G.O. No-4685/HUD, dt. 22.02.2014.

22. Post facto approval has been accorded for the Action Plan prepared by the Engineering Section for utilization of funds received under Performance Based Incentive Grant for the year-2013-14 for the amount of Rs. 50.80 Lakhs sanctioned by Govt. vide G.O. No-5097/HUD, dt. 25.02.2014.

**ନିର୍ଦ୍ଧାରଣ-୬ :** ନିଗମର ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଆଗତ କରାଯାଇଥିବା ନିମ୍ନଲିଖିତ ପ୍ରସ୍ତାବ ଗୁଡ଼ିକ ବିସ୍ତୃତ ଆଲୋଚନା ପରେ ଅନୁମୋଦନ କରାଗଲା ।

1. Deployment of 5 coolies per ward through outsourcing Agency for desilting of surface drain for 15 days from 12.06.2014 to 26.06.2014
2. Deployment of 5 persons per ward in 25 nos of Wards through outsourcing Agency for special Bush Cutting and cleaning required for Dengue related activities for one month.
3. Deployment of 2 persons per ward in balance 34 nos of Wards through out-sourcing Agency for special Bush Cutting and cleaning required for Dengue related activities for one month..
4. Engagement of out sourced labourers in activities like, NFCP, Bush Cutting, Drain Cleaning, Data Entry, Sanitation of Biju Bhawan, Drivers & Helpers up to 30.06.2014
5. Printing of leaflets / posters-1,00,000 nos for awareness campaign on dengu related activities and report formats to be used by ASHA.
6. Installation of 4nos of Hoardings for IEC activities on dengu related activities.
7. Organisation of 1st phase Dengu Awareness Campaigns-

12.06.2014 - Ward No-24 Haripur
Ward No-27 Rausapatna
Ward No-26 Nima Sahi

13.06.2014 - Ward No-25 Badhei Sahi
Ward No-33 Kesharpur
Ward No-34 Bania Sahi

**ନିର୍ଦ୍ଧାରଣ-୭ :** ନିଗମର ପାର୍କ ଆଣ୍ଡ ପ୍ଲାଣ୍ଟେସନ ବିଭାଗ ଦ୍ୱାରା ଆଗତ କରାଯାଇଥିବା ନିମ୍ନଲିଖିତ ପ୍ରସ୍ତାବ ଗୁଡ଼ିକ ବିସ୍ତୃତ ଆଲୋଚନା ପରେ ଅନୁମୋଦନ କରାଗଲା ।

୧. କଟକ ସହରରେ ଚଳିତ ବର୍ଷ ବ୍ୟାପକ ବୃକ୍ଷ ରୋପଣ ନିମନ୍ତେ ପ୍ରତ୍ୟେକ ୱାର୍ଡ଼ ମଧ୍ୟରେ ଫାଙ୍କା ଥିବା ସ୍ଥାନ ଚିହ୍ନଟ ସହ Urban Tree Plantation ଯୋଜନା ମାଧ୍ୟମରେ ସିଟି ଫରେଷ୍ଟ ଡ଼ିଭିଜନଙ୍କ ସହାୟତାରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ।

୨. ଆସନ୍ତା ଜୁଲାଇ ମାସ ୧ ତାରିଖରୁ ବନୋମହୋତ୍ସବ ସପ୍ତାହ ପାଳନ ନିମନ୍ତେ ପ୍ରତ୍ୟେକ ୱାର୍ଡ଼ ମାନଙ୍କରେ ଏହି ଉତ୍ସବ ପାଳନ ନିମନ୍ତେ କାର୍ଯ୍ୟକ୍ରମ ସମ୍ପୃକ୍ତ ଷ୍ଟାଣ୍ଡିଂ କମିଟି ମାଧ୍ୟମରେ କରାଯିବାକୁ ସ୍ଥିର କରାଗଲା ।

୩. ନିଗମର ହରିଣ ପାର୍କର ଆବଶ୍ୟକ ଥିବା କାର୍ଯ୍ୟକୁ ଯନ୍ତ୍ରୀ ବିଭାଗ ଦ୍ୱାରା ଅନୁଧ୍ୟାନ କରାଯାଇ ଯଥାଶିଘ୍ର ସମ୍ପୂର୍ଣ୍ଣ କରାଯିବା ।

୪. ନିଗମର କେନ୍ଦ୍ରୀୟ ଚାରା ଉତ୍ପାଦନ କେନ୍ଦ୍ରର ଆବଶ୍ୟକୀୟ ମରାମତି ତଥା ଏହାର ପ୍ରାଚୀର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇ, ଉକ୍ତ ପରିସର ମଧ୍ୟରେ Medicinal Plant Gardenକାର୍ଯ୍ୟକ୍ରମ ।

**ନିର୍ଦ୍ଧାରଣ ନଂ-୮.** ନିଗମର ପ୍ରତିଷ୍ଠାନ ବିଭାଗ ଦ୍ୱାରା ଆଗତ କରାଯାଇଥିବା ନିମ୍ନଲିଖିତ ପ୍ରସ୍ତାବ ଗୁଡ଼ିକ ବିସ୍ତୃତ ଆଲୋଚନା ପରେ ଅନୁମୋଦନ କରାଗଲା ।

୧. ରାଜ୍ୟ ସରକାରଙ୍କ ଅର୍ଥ ବିଭାଗ OM No-13884/F, dt. 26.04.2014 ଅନୁଯାୟୀ ନିଗମର ସମସ୍ତ ନିୟମିତ ସ୍ଥାୟୀ ଓ ୱାର୍କ ଚାର୍ଜଡ଼ କର୍ମଚାରୀ, ଯେଉଁମାନେ ORSP-2008 ଅନୁଯାୟୀ ବେତନ ପାଉଛନ୍ତି ସେମାନଙ୍କର ମହଙ୍ଗା ଭତାକୁ ତା ୦୧.୦୧.୨୦୧୪ରିଖ ଠାରୁ ୧୦% ବୃଦ୍ଧି କରାଯାଇ ଉକ୍ତ ନିର୍ଦ୍ଦେଶନାମା ଅନୁଯାୟୀ ବର୍ଦ୍ଧିତ ମହଙ୍ଗା ଭତାକୁ ମିଶାଇ ୧୦୦% ମହଙ୍ଗା ଭତା ନଗଦ ଆକାରରେ ତା ୦୧.୦୧.୨୦୧୪ରିଖ ଠାରୁ ପ୍ରଦାନ କରାଯିବା ପ୍ରସ୍ତାବକୁ ଅନୁମୋଦନ କରାଗଲା ।

୨. ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ କ୍ରମେ ନିଗମର Enforcement Squad ଗଠନ ନିମନ୍ତେ ସର୍ଭିସ ପ୍ରୋଭାଇଡ଼ରଙ୍କ ମାଧ୍ୟମରେ ତା. ୦୧.୧୦.୨୦୧୩ ଠାରୁ ୨୮.୦୨.୨୦୧୪ ପର୍ଯ୍ୟନ୍ତ ନିୟୋଜିତ Casual Labourers ମାନଙ୍କ କାର୍ଯ୍ୟ ଅବଧିକୁ ଅନୁମୋଦନ କରାଗଲା । ସେହିପରି ଉକ୍ତ Casual Labourers ମାନଙ୍କର ସର୍ଭିସ ପ୍ରୋଭାଇଡ଼ରଙ୍କ ମାଧ୍ୟମରେ ୦୧.୦୩.୨୦୧୪ ରିଖ ଠାରୁ ୩୦.୦୯.୨୦୧୪ ପର୍ଯ୍ୟନ୍ତ କାର୍ଯ୍ୟ ଅବଧିକୁ ବର୍ଦ୍ଧିତ କରାଯିବାକୁ ଅନୁମୋଦନ କରାଗଲା ଏବଂ ଉକ୍ତ ସମୟସୀମା ମଧ୍ୟରେ ପୁନଃ ଟେଣ୍ଡର ମାଧ୍ୟମରେ ଉପଯୁକ୍ତ ସଂସ୍ଥା ଚୟନ କରାଯାଇ ସେମାନଙ୍କ ମାଧ୍ୟମରେ ଏହି ନିୟୋଜନ କରାଯିବାକୁ ସ୍ଥିର କରାଗଲା ।

୩. ନିଗମ ଅଧିନରେ ସର୍ଭିସ ପ୍ରୋଭାଇଡ଼ରଙ୍କ ମାଧ୍ୟମରେ କାର୍ଯ୍ୟ କରୁଥିବା ସମସ୍ତ ଡ଼ାଟା ଏଣ୍ଟ୍ରି ଅପରେଟର ମାନଙ୍କ କାର୍ଯ୍ୟ ଅବଧିକୁ ତା. ୩୦.୦୬.୨୦୧୪ରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯିବା ନିମନ୍ତେ ଆଗତ ପ୍ରସ୍ତାବକୁ ଅନୁମୋଦନ କରାଗଲା ଏବଂ ଟେଣ୍ଡର ମାଧ୍ୟମରେ ଏହି ସେବା ପ୍ରଦାନ ନିମନ୍ତେ ଉପଯୁକ୍ତ ସଂସ୍ଥା ଚୟନ କରାଯିବାକୁ ମଧ ଅନୁମୋଦନ କରାଗଲା । ସେହିପରି ନିଗମର ପ୍ରତିଷ୍ଠାନ ବିଭାଗ ଦ୍ୱାରା ସର୍ଭିସ ପ୍ରୋଭାଇଡ଼ରଙ୍କ ମାଧ୍ୟମରେ ବିଭିନ୍ନ କାର୍ଯ୍ୟ ନିମନ୍ତେ ନିୟୋଜିତ Casual Labourers / Mali / Security Guards ମାନଙ୍କ ଆବଶ୍ୟକ ଥିବା କାର୍ଯ୍ୟ ଅବଧିକୁ ତା ୩୦.୦୯.୨୦୧୪ ଏବଂ ଉକ୍ତ ସମୟସୀମା ମଧ୍ୟରେ ପୁନଃ ଟେଣ୍ଡର ମାଧ୍ୟମରେ ଉପଯୁକ୍ତ ସଂସ୍ଥା ଚୟନ କରାଯିବାକୁ ସ୍ଥିର କରାଗଲା ।

**ନିର୍ଦ୍ଧାରଣ ନଂ ନଂ-୯.** ନିଗମର ବିତ ଅଧିକାରୀଙ୍କ ଦ୍ୱାରା ଆଗତ କରାଯାଇଥିବା ନିମ୍ନଲିଖିତ ପ୍ରସ୍ତାବ ଗୁଡ଼ିକ ବିସ୍ତୃତ ଆଲୋଚନା ପରେ ଅନୁମୋଦନ କରାଗଲା ।

୧. ନିଗମର ବିତ ଅଧିକାରୀଙ୍କ ଦ୍ୱାରା କଟକ ମହାନଗର ନିଗମ ନିମନ୍ତେ ୨୦୧୪-୧୫ ଆର୍ଥିକ ବର୍ଷର ଉପସ୍ଥାପନ କରାଯାଇଥିବା ବଜେଟକୁ ଅନୁମୋଦନ କରାଗଲା । ବୈଠକର ଆଲୋଚନା ଅନୁଯାୟୀ ନିଗମର **Supplimentary Budget** ମଧ୍ୟରେ ଚଳିତ କାଉନସିଲର ବିଭିନ୍ନ ଆଭିମୁଖ୍ୟକୁ ପ୍ରତିଫଳନ ସହ, ନିଗମର ଟ୍ୟାକ୍ସେସନ, ଫାଇନାନସ୍ ଆଣ୍ଡ ଆକାଉଣ୍ଟସ୍ ଷ୍ଟାଣ୍ଡିଙ୍ଗ କମିଟିର ବୈଠକରେ ସମସ୍ତ ଷ୍ଟାଣ୍ଡିଙ୍ଗ

କମିଟିର ଅଧକ୍ଷ / ଅଧକ୍ଷା ମାନଙ୍କ ସହ ବିସ୍ତୃତ ଆଲୋଚନା ପରେ, କାଉନସିଲର ଅନୁମୋଦନ ସହ, ରାଜ୍ୟ ସରକାରଙ୍କ ଅନୁମୋଦନ ନିମନ୍ତେ ପଠାଯିବାକୁ ନିଷ୍ପତି ଗ୍ରହଣ କରାଗଲା ।

**ନିର୍ଦ୍ଧାରଣ ନଂ -୧୦.** ନିଗମର ଲାଇସେନ୍ସ ବିଭାଗ ଦ୍ୱାରା ବୈଠକରେ ଉପସ୍ଥାପନ କରାଯାଇଥିବା ଗତ ତିନି ବର୍ଷ ମଧ୍ୟରେ ବିଭିନ୍ନ ସୁତ୍ରରୁ ଲାଇସେନ୍ସ ଫି ଆଦାୟର ତୁଳନାତ୍ମକ ବିବରଣୀକୁ ଅନୁଧ୍ୟାନ କରାଗଲା । ଏ ସମ୍ପର୍କରେ ବିସ୍ତୃତ ବିବରଣୀ ଲାଇସେନସ୍ ଆଣ୍ଡ ଅପିଲ ଷ୍ଟାଣ୍ଡିଙ୍ଗ କମିଟିର ଆଗାମୀ ବୈଠକରେ ଉପସ୍ଥାପନା କରାଯାଇ ନିଗମର ନିଜସ୍ୱ ଆୟ ବୃଦ୍ଧି ଦିଗରେ କାର୍ଯ୍ୟପନ୍ଥା ସ୍ଥିର କରାଯିବାକୁ ନିଷ୍ପତି ଗ୍ରହଣ କରାଗଲା ।

**ନିର୍ଦ୍ଧାରଣ ନଂ-୧୧.** ନିଗମର ଗୃହ ଟିକସ ବିଭାଗ ଦ୍ୱାରା ବୈଠକରେ ଉପସ୍ଥାପନ କରାଯାଇଥିବା ଗତ ତିନି ବର୍ଷ ମଧ୍ୟରେ ବିଭିନ୍ନ ସୁତ୍ରରୁ ଗୃହ ଟିକସ ଆଦାୟର ତୁଳନାତ୍ମକ ବିବରଣୀକୁ ଅନୁଧ୍ୟାନ କରାଗଲା । ଏ ସମ୍ପର୍କରେ ବିସ୍ତୃତ ବିବରଣୀ ଟ୍ୟାକ୍ସେସନ, ଫାଇନାନସ୍ ଆଣ୍ଡ ଆକାଉଣ୍ଟସ୍ ଷ୍ଟାଣ୍ଡିଙ୍ଗ କମିଟିର ଆଗାମୀ ବୈଠକରେ ଉପସ୍ଥାପନା କରାଯାଇ ନିଗମର ନିଜସ୍ୱ ଆୟ ବୃଦ୍ଧି ଦିଗରେ କାର୍ଯ୍ୟପନ୍ଥା ସ୍ଥିର କରାଯିବାକୁ ନିଷ୍ପତି ଗ୍ରହଣ କରାଗଲା ।

**କର୍ପୋରେଟର ମାନଙ୍କ ସହ କରାଯାଇଥିବା ଆଲୋଚନା ଅନୁଯାୟୀ ନିମ୍ନଲିଖିତ ନିଷ୍ପତି ସର୍ବସମ୍ମତି କ୍ରମେ ପାରିତ କରାଗଲା ।**

୧. ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ କ୍ରମେ ଡ଼ଗରପଡ଼ା ହନୁମାନଜୀଉ ମନ୍ଦିର ଅଂଚଳରେ ରହିଥିବା Patch ର Protection and development କରାଯାଇ, ସେଠାରେ କେତେକ କିଓସ୍କୋ ନିର୍ମାଣ କରାଯିବାକୁ ନିଷ୍ପତି ଗ୍ରହଣ କରାଗଲା ।

୨. ନିଗମର ହରିଣ ପାର୍କରୁ ବର୍ଷାଜଳ ନିଷ୍କାସନ ବ୍ୟବସ୍ଥା ନିମନ୍ତେ ଛୋଟ ଡ୍ରେନ ନିର୍ମାଣ, ଖାଲୁଆ ଅଂଚଳରେ Land Fillling ସହ ଯଥାଶିଘ୍ର ଏକ ପମ୍ପ ସ୍ଥାପନ କରାଯିବାକୁ ନିଷ୍ପତି ଗ୍ରହଣ କରାଗଲା ।

୩. ୧୦ ନମ୍ବର ୱାର୍ଡ଼ର ସିଦ୍ଧେଶ୍ୱର ସାହିଠାରେ ନାଳ ମଧ୍ୟରେ ଭଗ୍ନ ଅବସ୍ଥାରେ ରହିଥିବା ସ୍ଲାବକୁ ଉଠାଯିବା ଏବଂ ଭଗ୍ନ ଅବସ୍ଥାରେ ରହିଥିବା ହ୍ୟୁମ ପାଇପକୁ ଉଠାଯିବାକୁ, ଯନ୍ତ୍ରୀ ବିଭାଗ ଦ୍ୱାରା କ୍ଷେତ୍ର ପରିଦର୍ଶନ କରାଯାଇ, ଯଥାଶିଘ୍ର ସମ୍ପୃକ୍ତ କର୍ପୋରେଟରଙ୍କ ପରାମର୍ଶ ଅନୁଯାୟୀ, କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ନିଷ୍ପତି ଗ୍ରହଣ କରାଗଲା ।

୪. ଆଗାମୀ ବର୍ଷା ଦିନକୁ ଦୃଷ୍ଟିରେ ରଖାଯାଇ, ସମ୍ପୃକ୍ତ କର୍ପୋରେଟର ମାନଙ୍କ ଦ୍ୱାରା ଲିଖିତ ଭାବେ ପ୍ରଦାନ କରାଯାଉଥିବା ଅଭିଯୋଗ ଗୁଡ଼ିକର ସମାଧାନ ନିମନ୍ତେ, ସମ୍ପୃକ୍ତ ଯନ୍ତ୍ରୀ ମାନଙ୍କ ଦ୍ୱାରା କ୍ଷେତ୍ର ପରିଦର୍ଶନ କରାଯାଇ, ଅଗ୍ରାଧିକାର ଭିତିରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ନିଷ୍ପତି ଗ୍ରହଣ କରାଗଲା ।

୫. ସ୍ୱାସ୍ଥ୍ୟ ଓ ପରିମଳ କାର୍ଯ୍ୟ ନିମନ୍ତେ ପ୍ରତ୍ୟେକ ଦିନ ୱାର୍ଡ଼କୁ ଯାଉଥିବା କର୍ମଚାରୀ ମାନଙ୍କର ତାଲିକା ସହ, ସେମାନଙ୍କ କାର୍ଯ୍ୟର ତଦାରକ ବ୍ୟବସ୍ଥା ନିମନ୍ତେ ନିୟୋଜିତ ମେଟ, ସୁପରଭାଇଜର ଏବଂ ସାନୀଟାରୀ ଇନ୍ସପେକ୍ଟର ମାନଙ୍କର ନାମ ଏବଂ ମୋବାଇଲ ନମ୍ବର ସମ୍ପୃକ୍ତ କର୍ପୋରେଟର ମାନଙ୍କୁ ପ୍ରଦାନ କରାଯିବାକୁ ନିଷ୍ପତି ଗ୍ରହଣ କରାଗଲା । ପ୍ରତ୍ୟେକ ମାସରେ ସେମାନଙ୍କର କାର୍ଯ୍ୟ ଏବଂ ଉପସ୍ଥିତି ସମ୍ପର୍କରେ ସମ୍ପୃକ୍ତ କର୍ପୋରେଟର ମାନଙ୍କ ଠାରୁ ରିପୋର୍ଟ ମିଳିବା ପରେ, ସମ୍ପୃକ୍ତ ମାସର ବେତନ ସମ୍ପୃକ୍ତ କର୍ମଚାରୀଙ୍କୁ ପ୍ରଦାନ କରାଯିବା ନିମନ୍ତେ ସ୍ଥିର କରାଗଲା ।

୬. କଟକ ମହାନଗର ନିଗମର ଗତ ଫେବୃୟାରୀ ମାସର ନିର୍ବାଚନ ଅନୁଯାୟୀ ପ୍ରତ୍ୟେକ ୱାର୍ଡ଼ ନିମନ୍ତେ ଧାର୍ଯ୍ୟ କରାଯାଇଥିବା ଅଂଚଳ ଓ ପରିସୀମା ଦର୍ଶାଯାଇ ପ୍ରସ୍ତୁତ କରାଯାଇଥିବା ୱାର୍ଡ଼ ମ୍ୟାପ ସମ୍ପୃକ୍ତ ୱାର୍ଡ଼ କର୍ପୋରେଟର ମାନଙ୍କୁ ପ୍ରଦାନ କରାଯିବାକୁ ନିଷ୍ପତି ଗ୍ରହଣ କରାଯାଇ, ଉକ୍ତ ମ୍ୟାପ ଅନୁଯାୟୀ ସମ୍ପୃକ୍ତ ୱାର୍ଡ଼ର ସମସ୍ତ କାର୍ଯ୍ୟ କରାଯିବାକୁ ସ୍ଥିର କରାଗଲା ।

୭.	ସମ୍ପୃକ୍ତ କର୍ପୋରେଟର ମାନଙ୍କ ନେତୃତ୍ୱରେ ସମ୍ପୃକ୍ତ ୱାର୍ଡ଼ ମଧ୍ୟରେ ଡ଼େଙ୍ଗୁ ରୋଗର ନିରାକରଣ ତଥା ସଚେତନତା ସୃଷ୍ଟି ନିମନ୍ତେ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ମାନଙ୍କ ସହ ପଦଯାତ୍ରା କରାଯିବା ନିମନ୍ତେ ନିଷ୍ପତି ଗ୍ରହଣ କରାଗଲା ।

୮.	ପ୍ରଥମ ପର୍ଯ୍ୟାୟରେ ଆବଶ୍ୟକତାକୁ ଦୃଷ୍ଟିରେ ରଖାଯାଇ ପ୍ରତି ୱାର୍ଡ଼ ୱାରୀ ୫ ଗୋଟି ଲେଖାଏଁ ଅତିରିକ୍ତ ଡ଼ଷ୍ଟବିନ୍ ଯୋଗାଇ ଦେବାକୁ ସ୍ଥିର କରାଗଲା । ଏହି ଡ଼ଷ୍ଟବିନ୍ ଗୁଡ଼ିକ ନିଗମର ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଟେଣ୍ଡର ମାଧ୍ୟମରେ ସଂଗ୍ରହଣ କରାଯିବାକୁ ନିଷ୍ପତି ଗ୍ରହଣ କରାଗଲା ।

୯.	ନିଗମର ବିଭିନ୍ନ ଅଂଚଳରେ ପ୍ରସ୍ତାବିତ ନୂତନ ନାଳ ନିର୍ମାଣ କାର୍ଯ୍ୟ ସହିତ ସମ୍ପୃକ୍ତ ନାଳକୁ Covered Drain ଭାବେ ଦର୍ଶାଯିବା ନିମନ୍ତେ, ଉକ୍ତ କାର୍ଯ୍ୟର ଖର୍ଚ୍ଚ ଅଟ୍ଟକଳ ମଧ୍ୟରେ ସ୍ଲାବ ନିର୍ମାଣର ଖର୍ଚ୍ଚକୁ ଅର୍ନ୍ତଭୁକ୍ତ କରାଯିବାକୁ ନିଷ୍ପତି ଗ୍ରହଣ କରାଗଲା । ଏଥିପାଇଁ ଆକଳନ କରାଯାଇ ଖର୍ଚ୍ଚ ଅଟ୍ଟକଳ ପ୍ରସ୍ତୁତ ସହ, Supplimentary Budget ମଧ୍ୟରେ ଖର୍ଚ୍ଚ ବ୍ୟବସ୍ଥା ରଖାଯିବା ନିମନ୍ତେ ସ୍ଥିର କରାଗଲା ।

୧୦.	ନିଗମ ଅଧିନରେ ଅଧିକାରୀ ସ୍ଥାୟୀୟ ପଦବୀ ଗୁଡ଼ିକର ପୂରଣ ନିମନ୍ତେ ଯଥାଶିଘ୍ର ରାଜ୍ୟ ସରକାରଙ୍କ ନିକଟକୁ ପ୍ରସ୍ତାବ ପଠାଯିବାକୁ ସ୍ଥିର କରାଗଲା ।

୧୧.	ଜାଇକା ପ୍ରକଳ୍ପ କାର୍ଯ୍ୟ ଅର୍ନ୍ତଭୁକ୍ତ କରାଯାଇନଥିବା ଅଂଚଳ ଗୁଡ଼ିକରେ ରାସ୍ତା ନାଳ ନିର୍ମାଣ କରାଯିବାକୁ ସମ୍ପୃକ୍ତ କର୍ପୋରେଟର ମାନେ ପ୍ରଦାନ କରିଥିବା ପ୍ରସ୍ତାବ ଗୁଡ଼ିକ ସମ୍ପୃକ୍ତ ଯନ୍ତ୍ରୀ ମାନଙ୍କ ଦ୍ୱାରା ଅନୁଧାନ କରାଯାଇ, ପବ୍ଲିକ ୱାର୍କସ ଷ୍ଟାଣ୍ଡିଙ୍ଗ କମିଟି ବୈଠକରେ ଉପସ୍ଥାପନ କରାଯିବାକୁ ନିଷ୍ପତି ଗ୍ରହଣ କରାଗଲା ।

୧୨.	ମଲାଚଣ୍ଡିଆ ଛକରେ ନିରୁପିତ ସ୍ଥାନରେ ଜ୍ଞାନ ମଣ୍ଡଳର ପ୍ରଣେତା ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ ପଦ୍ମଶ୍ରୀ ସ୍ୱର୍ଗତ ବିନୋଦ କାନୁନ୍‌ଗୋଙ୍କ ପ୍ରତିମୂର୍ତିର ପୁନଃ ସ୍ଥାପନ କରାଯିବା ନିମନ୍ତେ ନିଷ୍ପତି ଗ୍ରହଣ କରାଗଲା ।

୧୩.	ଯେଉଁ ସ୍ଥାନ ମାନଙ୍କରେ କର୍ଲଭଟ କିମ୍ବା ହ୍ୟୁମ ପାଇପ ଦ୍ୱାରା ନାଳ ମାନଙ୍କର ଜଳ ନିଷ୍କାସନରେ ବାଧା ସୃଷ୍ଟି କରୁଥିବ, ସମ୍ପୃକ୍ତ ଯନ୍ତ୍ରୀ ମାନଙ୍କ ଦ୍ୱାରା ଅନୁଧାନ କରାଯାଇ, ଉକ୍ତ ନାଳର ପୁର୍ନରୁଦ୍ଧାର କାର୍ଯ୍ୟ ଅଗ୍ରାଧିକାର ଭିତିରେ କରାଯିବାକୁ ନିଷ୍ପତି ଗ୍ରହଣ କରାଗଲା ।

ସର୍ବ ଶେଷରେ ଉପସ୍ଥିତ ସଭ୍ୟ / ସଭ୍ୟା ମାନେ ବୈଠକର ଉପରବର୍ଣ୍ଣିତ ଆଲୋଚନାରେ ଅଂଶ ଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ ପରେ ସଭା ସାଙ୍ଗ କରାଯାଇଥିଲା ।

**ସ୍ୱା :ଅନିତା ବେହେରା**
**ମେୟର**
**କଟକ ମହାନଗର ନିଗମ**

ଜ୍ଞାପକ ସଂ. ୧୧୮ .ତା ୦୮.୦୭.୨୦୧୪

ଏହାର ଏକ କିତା ନକଲ ନିର୍ଦ୍ଦେଶକ, ପୌର ପ୍ରଶାସନ ଏବଂ ପଦ ପ୍ରଯୁକ୍ତ ଅତିରିକ୍ତ ଶାସନ ସଚିବ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର / ସଚୀବ, ରାଜସ୍ୱ କମିଶନର (କେନ୍ଦ୍ରାଂଚଳ), କଟକ / ଜିଲ୍ଲାପାଳ, କଟକଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ସ୍ୱା-ନିର୍ମଳ ଚନ୍ଦ୍ର ନାୟକ
ଉପ ସଚିବ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ ୧୧୯ .ତା ୦୮.୦୭.୨୦୧୪

ଏହାର ଏକକିତା ନକଲ ସହ ବିବରଣୀ ନକଲ କଟକ ମହାନଗର ନିଗମର ମେୟର / ଡ଼େପୁଟି ମେୟର / ସମସ୍ତ କର୍ପୋରେଟରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ସ୍ୱା-ନିର୍ମଳ ଚନ୍ଦ୍ର ନାୟକ

ଉପ ସଚିବ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ ୧୨୦ .ତା ୦୮.୦୭.୨୦୧୪

ଏହାର ଏକକିତା ନକଲ ସହ ବିବରଣୀ ନକଲ କେନ୍ଦ୍ରାଂଚଳ ରାଜସ୍ୱ ଆୟୁକ୍ତ,କଟକ ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ସ୍ୱା-ନିର୍ମଳ ଚନ୍ଦ୍ର ନାୟକ
ଉପ ସଚିବ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ ୧୨୧ .ତା ୦୮.୦୭.୨୦୧୪

ଏହାର ଏକକିତା ନକଲ ସହ ବିବରଣୀ ନକଲ ମ୍ୟୁନିସିପାଲ କମିଶନର / ଅତିରିକ୍ତ କମିଶନର / ଡ଼େପୁଟି କମିଶନର / ନଗର ଯନ୍ତ୍ରୀ / ନଗର ସ୍ୱାସ୍ଥ୍ୟ ଅଧିକାରୀ / ସହକାରୀ ସ୍ୱାସ୍ଥ୍ୟ ଅଧିକାରୀ / ନିର୍ବାହୀ ଯନ୍ତ୍ରୀ(୧ ଓ୨) / ପ୍ରତିଷ୍ଠାନ ଅଧିକାରୀ / ସେକ୍ରେଟେରୀ / ବସ୍ତି ଉନ୍ନୟନ ଅଧିକାରୀ / ବିତ ଅଧିକାରୀ / ରିକଭରୀ ଅଫିସର / ସହକାରୀ ଆଇନ ଅଧିକାରୀ / ମୁଖ୍ୟ ସମିକ୍ଷକ / ସମସ୍ତ ସହକାରୀ ଯନ୍ତ୍ରୀ / ସମସ୍ତ କନିଷ୍ଠ ଯନ୍ତ୍ରୀ / ସମସ୍ତ ମୁଖ୍ୟ ସହାୟକ / ଅଭିଯୋଗ ପ୍ରକୋଷ୍ଠ, କଟକ ମହାନଗର ନିଗମଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ସ୍ୱା-ନିର୍ମଳ ଚନ୍ଦ୍ର ନାୟକ
ଉପ ସଚିବ
କଟକ ମହାନଗର ନିଗମ, କଟକ